ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ

# ଓଡ଼ିଶା ପ୍ରଦେଶ ସୃଷ୍ଟିରେ

# ଗଣମାଧ୍ୟମ

# ଓଡ଼ିଶା ପ୍ରଦେଶ ସୃଷ୍ଟିରେ ଗଣମାଧ୍ୟମ

**ଲେଖକ :** **ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ ,ତିଗିରିଆ**

ସରକାରୀ ବସା : ଭି.ଆର୍.୩୨, ୟୁନିଟ୍ ୬, ଭୁବନେଶ୍ୱର ୭୫୧୦୦୧

ପ୍ରକାଶକ : ସୌଭାଷ୍ୟ
ୟୁନିଟ୍ ୬, ଭୁବନେଶ୍ୱର ୭୫୧୦୦୧

ସଂପ୍ରସାରକ : ଦି ନ୍ୟୁଜ୍ ସିଣ୍ଡିକେଟ୍
ୟୁନିଟ୍ ୬, ଭୁବନେଶ୍ୱର ୭୫୧୦୦୧

**ସ୍ୱତ୍ୱ :** **ଶାଶ୍ୱତ ପଟ୍ଟନାୟକ , ଲେଖକଙ୍କ ସୁପୁତ୍ର**

ପ୍ରଥମ ପ୍ରକାଶନ : ୨୦୦୯

ମୂଲ୍ୟ : ପଚାଶ ଟଙ୍କା ମାତ୍ର

## Orissa Pradesh Srustire Gana Maadhyama

## (Role of Mass Media in Creation of Orissa)

**Author :** **Sri Subhas Chandra Pattanayak of Tigiria**

Official Residence: VR 32, Unit 6,Bhubaneswar 751001

Publisher : Saubhasya

Unit 6, Bhubaneswar 751001

Circulator : The News Syndicate
Unit 6, Bhubaneswar 751001

© **Saswat Pattanayak, Son of the Author**

First Edition : 2009

Price : Rupees Fifty only

**Available at:** **http://thenewssyndicate.com/store/**

**ISBN : 978-81-907469-6-0**

## ପ୍ରାକ୍ କଥନ

ମାଫିଆ ହାତରେ ରାଜନୈତିକ ଶକ୍ତି ଠୁଳ ହେଲେ ମାତୃଭୂମି ବିପର୍ଯ୍ୟସ୍ତ ହୁଏ । ଦୂରଦୃଷ୍ଟିହୀନ ସ୍ୱାର୍ଥାନ୍ଧ ଲୋକେ କ୍ଷମତା ଅକ୍ତିଆର କରନ୍ତି ଓ ଥୋଡ଼େ ତୋଷାମଦକାରୀ ପୋଷା କୁତ୍ତା ପରି ସେମାନଙ୍କ ପଦଲେହନ କରି ରାଜ୍ୟର ଭୌମିକ ଓ ବୌଦ୍ଧିକ ବିଭବକୁ ଛାରଖାର କରିଦିଅନ୍ତି ।

ଯାହାଙ୍କ ନେତତ୍ୱ ଓ ଐକାନ୍ତିକ ନିଷ୍ଠା ହେତୁ ରାଜନୈତିକ ଓଡ଼ିଶା ଲାଭ କରିଛି ତା'ର ଭୌଗଳିକ କଳେବର, ସେହି ପୂଣ୍ୟଶ୍ଳୋକ କୁଳଗୌରବ ମଧୁ ସୂଦନ ଦାସ ତାଙ୍କ ସମୟରେ ବି ତୋଷାମଦିଆଙ୍କ ଆଚରଣ ଲକ୍ଷ୍ୟ କରି ଲେଖିଥିଲେ, "ତୁ ମନେ ଭାବିଛୁ ତୋଷାମଦ କରି ବଢ଼ାଇବୁ ଜାତି ମାନ ? ତୋଷାମଦିଆର କୁକୁର ପ୍ରକୃତି ଅଇଂଠା ପତରେ ଧ୍ୟାନ ।"

କିନ୍ତୁ ଅନ୍ଧାର ଯେପରି ଆଲୋକ ଆର ପଟେ ଲୁଚିଥାଏ ସୁଯୋଗ ଉଣ୍ଡି କାୟା ବିସ୍ତାର କରିବାକୁ , ତୋଷାମଦିଆ ଗୋଷ୍ଠୀ ବି ସେପରି ସାମାଜିକ ସଚେତନତା ଆର ପଟେ ଲୁଚି ରହିଥାଏ ସୁଯୋଗ ପାଇଲେ ଝାଂପ ମାରି ସମାଜକୁ ଶୋଷଣ କରିବାକୁ ।

ଏହିପରି ଛଦ୍ମଘାତକ ଥୋଡ଼େ ତୋଷାମଦିଆ ମତଲବ୍‌ଖୋର ଲୋକ ନିଜ ନିଜ ଅଶୁଦ୍ଧ ଅଭିସନ୍ଧି ଚରିତାର୍ଥ କରିବା ପାଇଁ ସୁଯୋଗ ପାଇଥିବା ହେତୁ ଓଡ଼ିଶାରେ ଏବେ ଏକାଠି ହୋଇଛନ୍ତି ଏବଂ ସେହିମାନଙ୍କ ଛଳ ବଳରେ ଓଡ଼ିଶାରେ ଅପୂଜ୍ୟପୂଜା ଚାଲିଛି । ଫଳରେ ଗତ ଦଶବର୍ଷ ଧରି ଏହାର ମୁଖ୍ୟମନ୍ତ୍ରୀ ହୋଇ ବସିଛନ୍ତି ନବୀନ ପଟ୍ଟନାୟକ, ଯାହାଙ୍କୁ ଓଡ଼ିଆ ଭାଷା ଜଣା ନାହିଁ କି ଯାହାଙ୍କର ଏହି ଭାଷା ପ୍ରତି ଆଗ୍ରହ ମଧ୍ୟ ନାହିଁ । ଏ ଓଡ଼ିଆ ଭାଷା ବିରୋଧୀ ଏପରି ଜଣେ ବ୍ୟକ୍ତି ଯେ, ତିନିବର୍ଷ ହୋଇଗଲା ଏହାଙ୍କ ସରକାର ଓଡ଼ିଶା ସାହିତ୍ୟ ଏକାଡ଼େମୀ ପାଇଁ ଜଣେ ଅଧ୍ୟକ୍ଷ ବି ନିଯୁକ୍ତ କରି ନାହାନ୍ତି । ଏହାଙ୍କ ରାଜୁତିରେ ବିଦେଶୀ ଭାଷାର ଆଧିପତ୍ୟ ବଢ଼ିଛି ଓଡ଼ିଶାରେ । ଅଣଓଡ଼ିଆଙ୍କ ଆଧିପତ୍ୟ କବଳକୁ ଖସି ଚାଲିଛି ଓଡ଼ିଶାର ଭୌମିକ ସଂପଦ , ପ୍ରାକୃତିକ ବିଭବ ଓ ସାଂସ୍କୃତିକ ଐତିହ୍ୟ ଠିକ୍ ଯେମିତି ବ୍ରିଟିଶ୍ ଅମଳରେ ଚାଲିଥିଲା ।

କିନ୍ତୁ ଓଡ଼ିଶା ହେଉଛି ସେହି ରାଜ୍ୟ ଯେଉଁଠି ଜନସାଧାରଣ ନିଜ ମାତୃଭାଷାକୁ

ଅଣଓଡ଼ିଆଙ୍କ ଅପଚକ୍ରାନ୍ତ କବଳରୁ ରକ୍ଷା କରିବାପାଇଁ ସାରା ଭାରତରେ ସର୍ବ ପ୍ରଥମେ ଗଢ଼ି ତୋଳିଥିଲେ ନିଜ ଭାଷାର ଏପରି ଏକ ସାମ୍ରାଜ୍ୟ ଯାହା ତଦାନୀନ୍ତନ ବିଶ୍ୱରେ ଥିଲା ଅନନ୍ୟ, ଥିଲା ଯୁଗାନ୍ତକାରୀ । ଏହା ଏପରି ଆତ୍ମିକ, ଭାବୈକ୍ୟଭରା, ଅଭେଦ୍ୟ ଓ ସାନ୍ଦ୍ର ଥିଲା ଯେ ଓଡ଼ିଆ ଭାଷାଭାଷୀ ଭୂଖଣ୍ଡକୁ ଭାଗ ଭାଗ କରିଦେଇଥିବା ସାମ୍ରାଜ୍ୟବାଦୀ ବ୍ରିଟିଶ୍ ଶକ୍ତି ତା'ର ଏହି ଭାଷା ସାମ୍ରାଜ୍ୟର ଅଲଂଘ୍ୟତା ଓ ଅପରାଜେୟତାକୁ ସମ୍ମାନ ଜଣାଇବାକୁ ବାଧ୍ୟ ହୋଇଥିଲା ଓ ଭାରତରୁ ତାର ଭୌଗୋଳିକ ଉପନିବେଶ ଉଠାଇ ନେବାର ୧୧ ବର୍ଷ ପୂର୍ବରୁ ଓଡ଼ିଆଭାଷାଭାଷୀ ଭୂଖଣ୍ଡରୁ ବ୍ରିଟିଶ୍ ପ୍ରଚୋଦିତ ଅଣଓଡ଼ିଆଙ୍କ ଭାଷା-ଉପନିବେଶ ନିଷ୍କାସିତ ହୋଇଥିଲା । ୧୯୩୬ ଏପ୍ରିଲ୍ ପହିଲାରେ ପ୍ରତିବେଶୀ ଅଣଓଡ଼ିଆଙ୍କ ଔପନିବେଶିକ ଅପଛାୟା ଉତ୍‌ଖାତ କରି ଉଦିତ ହୋଇଥିଲା ଆଧୁନିକ ଓଡ଼ିଶା ଯାହା ଥିଲା ସାରା ଭାରତରେ ଭାଷା ଭିତ୍ତିରେ ପ୍ରଦେଶ ଗଠନର ପ୍ରଥମ ସୂର୍ଯ୍ୟୋଦୟ । ଏବଂ ଏକ ଗୌରବମୟ ଜାତି ଭାବେ ଓଡ଼ିଆ ଜାତି ଭାରତର ସ୍ୱାଧୀନତା ସଂଗ୍ରାମରେ ନିଜକୁ ପୂର୍ଣ୍ଣତଃ ସଂଯୁକ୍ତ କରିଥିଲା ।

ଦେଶ ସ୍ୱାଧୀନ ହେବା ପରେ, ସମ୍ବିଧାନ ପ୍ରଣୀତ ହୋଇ, ଜନପ୍ରତିନିଧିକୈନ୍ଦ୍ରିକ ଶାସନଶୈଳୀ ପ୍ରଚୋଦିତ ହେବା ପରେ ଓଡ଼ିଶା ହିଁ ଥିଲା ସାରା ଭାରତରେ ପ୍ରଥମ ପ୍ରଦେଶ ଯାହା ନିଜ ମାତୃଭାଷାକୁ ସରକାରୀ ଭାଷା ଭାବେ ଅଲଂଘ୍ୟ କରିବାକୁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଥିଲା । The Orissa Official Languages Act, 1954 ରେ *ସମସ୍ତ ଓ ଯେ କୌଣସି ସରକାରୀ ଉଦ୍ଦେଶ୍ୟରେ ଓଡ଼ିଆ ଭାଷା ବ୍ୟବହୃତ ହେବାକୁ* ("to be used for all or any of the official purposes of the State of Orissa") ବ୍ୟବସ୍ଥା ବଳବତ୍ତର କରା ଯାଇଥଲା ।

କିନ୍ତୁ ନବୀନ ପଟ୍ଟନାୟକଙ୍କ ବାପା ବିଜୁ ପଟ୍ଟନାୟକ ଯେତେବେଳେ ମଖ୍ୟମନ୍ତ୍ରୀ ହୋଇଗଲେ, ଓଡ଼ିଆ ଜାତିକୁ ପଛରୁ ଛୁରା ମାରି ସେ ହିଁ ଏହି ଆଇନକୁ ନିରୁଦ୍ଦିଷ୍ଟ କରାଇଦେବାକୁ ଷଡ଼ଯନ୍ତ୍ର କରି ଥିଲେ । ଏଥିରେ ୧୯୬୩ରେ ପ୍ରଥମ ସଂଶୋଧନ (Act 18 of 1963) ଆଣି ଇଂରାଜୀ ଭାଷା ବି ଓଡ଼ିଆ ଭାଷା ସାଙ୍ଗକୁ ସରକାରୀ ଭାଷା ଭାବେ ବିଧାନ ସଭାରେ ଚାଲିବ ("in addition to Oriya for transaction of business in Legislature of the State of Orissa")ବୋଲି ବ୍ୟବସ୍ଥା ଖଞ୍ଜାଗଲା । ଶଠତା ଓ ଧୂର୍ତ୍ତତାରେ ବିଜୁ ପଟ୍ଟନାୟକଙ୍କ ତୁଳନା ତ ନାହିଁ ।

ସମସ୍ତ ଓ ଯେ କୌଣସି ସରକାରୀ ଉଦ୍ଦେଶ୍ୟରେ ଓଡ଼ିଆ ସାଙ୍ଗକୁ ଇଂରାଜୀ ଚାଲିବ ବୋଲି ଯଦି ଏହି ସଂଶୋଧନରେ ବ୍ୟବସ୍ଥା ଖଞ୍ଜିବାକୁ ସେ ଚେଷ୍ଟା କରିଥାନ୍ତେ, ତେବେ ସେ ସଂଶୋଧନ କେବେ ବି ବିଧାନ ସଭାରେ ଗୃହୀତ ହୋଇପାରି ନଥାନ୍ତା । ତେଣୁ ଅତି ଧୂର୍ତ୍ତତାର ସହ ଏହି ଶଠ ସଂଶୋଧନରେ ବିଧାନସଭାର କାର୍ଯ୍ୟଧାରାରେ ଇଂରାଜୀ ବ୍ୟବହାର ହେବ ବୋଲି ବ୍ୟବସ୍ଥା ଖଞ୍ଜାଗଲା ଓ ସଂଶୋଧନଟି ପାରିତ ହୋଇଗଲା ପରେ ଅବଲୀଳାକ୍ରମେ ଇଂରାଜୀ ହୋଇଉଠିଲା ଓଡ଼ିଶାର ପ୍ରକୃତ ବ୍ୟବହୃତ ସରକାରୀ ଭାଷା ଓ ଓଡ଼ିଆ ଭାଷା ପ୍ରଶାସନିକ ଅପରିହାର୍ଯ୍ୟତା ଓ ନାଗରିକ ବ୍ୟବହାରିକତା ହରାଇ ଠେଲି ହୋଇଗଲା ଅପାଙ୍‌କ୍ତେୟତା କବଳକୁ ପୁନର୍ବାର ।

ଏହି ଅଧୋପତନ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଆସି ପହଞ୍ଚିଛି ଏପରି ଏକ ପର୍ଯ୍ୟାୟରେ ଯେ ସରକାରୀ କର୍ତ୍ତୃତ୍ୱାଧୀନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଚାଲିଛି ବିନା ଅଧ୍ୟକ୍ଷରେ ଦୀର୍ଘ ତିନିବର୍ଷ ଧରି ।

ଏ ବାପପୁଅଙ୍କ ହେତୁ ଓଡ଼ିଶାର ଈର୍ଷଣୀୟ ଭାଷା ସାମ୍ରାଜ୍ୟ ଉଜୁଡ଼ି ଯାଇ ସାରିଛି ଏବଂ କେବେ ଯେ ଆଉ ତାର ପୁନରୁଦ୍ଧାର ହେବ, ଅନ୍ଦାଜ କରି ହେଉନାହିଁ । ଓଡ଼ିଆର ଜନ୍ମ ମାଟି ବି ବିପଦ ଘେରରେ ପଡ଼ିଛି । ବିଜୁଙ୍କ ହେତୁ ଏ.ଇ.ଏସ୍. ପରି ବିଦେଶୀ ବେପାରୀ ସଂସ୍ଥା ଯେପରି ଓଡ଼ିଶାକୁ ଲୁଟ୍ କରିବାକୁ ସରକାରୀ ସହଯୋଗ ପାଇଥିଲେ, ନବୀନଙ୍କ ହେତୁ ସେପରି ପୋସ୍କୋ ଓ ବେଦାନ୍ତ ପରି ବିଦେଶୀ ବହୁରାଷ୍ଟ୍ରୀୟ ବେପାରୀ ଓଡ଼ିଶାକୁ ଲୁଣ୍ଠନ କରିବାକୁ ସରକାରୀ ପ୍ରୋତ୍ସାହନ ଓ ସହଯୋଗ ପାଉଛନ୍ତି । ଘୋର ଲଜ୍ଜାଜନକ ହେଉଛି ଏହା ହିଁ ଯେ ଓଡ଼ିଆ ଜାତି ହାତରୁ ତା'ର ମାଟି ଓ ଖଣିଜ ଖସିଯାଉଥିବା ବେଳେ ଏବଂ ଏହି ବିଦେଶୀ ଅଣଓଡ଼ିଆଙ୍କ ପୈଶାଚିକ ପାଦ ତଳେ ନିୟମଗିରି ଗନ୍ଧମାର୍ଦ୍ଦନ ପରି ଅମୃତମୟ ଓ ଅନନ୍ୟ ପ୍ରାକୃତିକ ବିଭବ ଧ୍ୱଂସ ମୁଖକୁ ଠେଲି ହୋଇ ଯାଉଥିବା ବେଳେ ମାତୃଭୂମି ପ୍ରତି ଅନୁରକ୍ତ ଯେଉଁ ଓଡ଼ିଆମାନେ ତାକୁ ବିରୋଧ କରୁଛନ୍ତି ନବୀନଙ୍କ ସପକ୍ଷବାଦୀ ଗୋଷ୍ଠୀ ସେମାନଙ୍କୁ ଦୈହିକ ଆକ୍ରମଣ କରୁଛି । ଓଡ଼ିଶା ଲୁଣ୍ଠନର ବିରୋଧୀମାନଙ୍କ ବିରୁଦ୍ଧରେ ସୁବିଧାବାଦୀମାନଙ୍କୁ ନିଜ ସପକ୍ଷବାଦୀ ଭାବେ ଗଢ଼ି ବିଦେଶୀ ଓ ଅଣଓଡ଼ିଆ ବେପାରୀମାନେ ଓଡ଼ିଆ ଜାତିର ଐକ୍ୟ ଓ ସଂହତି ପ୍ରତି ମହା ବିପତ୍ତି ସୃଷ୍ଟି କରି ଚାଲିଛନ୍ତି । ଅଥଚ ନବୀନ ପଟ୍ଟନାୟକଙ୍କ ସରକାର ସେହିମାନଙ୍କୁ ପ୍ରୋତ୍ସାହନ


ଯୋଗାଉଛି ଓ ସହାଯ୍ୟ କରି ଚାଲିଛି । ମାଟି ମାଆକୁ ଭଲପାଉଥିବା ଓ ତାକୁ ହିଁ ଆଶ୍ରା କରି ରହିଥିବା ଓଡ଼ିଆମାନେ ତଳି ତଳାନ୍ତ ହୋଇଗଲେଣି । ଅବସ୍ଥା ଏପରି ଶୋଚନୀୟ ହୋଇଉଠିଛି ଯେ ସମ୍ବଲପୁର ଜିଲ୍ଲା ସମେତ ପଶ୍ଚିମ ଓଡ଼ିଶାରେ ମୁଣ୍ଡ ଟେକି ଉଠୁଛି ପୃଥକ ହୋଇଯିବାର ନିଶା । ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶା ପରି ବିଛିନ୍ନତାବାଦୀ ବିଭାବନା ସୃଷ୍ଟି କରିଚାଲିଛି ରାଜ୍ୟ ପ୍ରଶାସନ ନିଜ ପ୍ରବଞ୍ଚନାକୁ ଘୋଡ଼ଣୀ ଦେବା ପ୍ରୟାସରେ । ଏବଂ ଓଡ଼ିଶାର ପ୍ରଭାବଶାଳୀ ସମ୍ବାଦପତ୍ରମାନେ ବିଜ୍ଞାପନ ଲୋଭରେ ଏହି ବିଭାବନାର ବାହକ ବି ସାଜିଛନ୍ତି ।

ଏପରି ଅବସ୍ଥାରେ ନିଜ ମାତୃଭୂମିକୁ ଓ ମାତୃଭାଷାକୁ ଭଲପାଉଥିବା ଜଣେ ଓଡ଼ିଆ କ'ଣ କରିପାରେ? ଜଣେ ବୀର୍ଯ୍ୟହୀନ ବ୍ୟକ୍ତି ଯେପରି ତାର ବୀର୍ଯ୍ୟବାନ ଦିନଗୁଡ଼ିକୁ ମନେ ପକାଇବାକୁ ଭଲପାଏ, ମୋର ଏହି କ୍ଷୁଦ୍ର ନିବନ୍ଧରେ ମୁଁ ତାହା ହିଁ କରିଛି ।

ଅନୁପ୍ରବେଶକାରୀ ବ୍ରିଟିଶ୍ ଓ ତା ସହ ହାତମିଳାଇ ଓଡ଼ିଶାକୁ ଲୁଣ୍ଠନ କରିଚାଲିଥିବା ଅଣଓଡ଼ିଆମାନଙ୍କ ପୈଶାଚିକ ଚକ୍ରକୁ ପ୍ରତିହତ କରି ଆମ ପୂର୍ବପୁରୁଷେ ଆମ ମାତୃଭାଷାର ଭିତ୍ତି ଉପରେ କିପରି ଆମ ମାତୃଭୂମିକୁ ଜହ୍ଲାଦ କବଳରୁ ରକ୍ଷାକରି , ତା'ର ଛିନ୍ନ ବିଛିନ୍ନ କଳେବରକୁ ଯତ୍ପରୋନାସ୍ତି ଏକତ୍ର କରି , ଆଧୁନିକ ଓଡ଼ିଶା ଗଠନପାଇଁ ସକ୍ଷମ ହୋଇଥିଲେ ଏବଂ ତହିଁରେ ଆମରି ଭାଷାର ଗଣମାଧ୍ୟମ କିପରି ନେତୃତ୍ୱଦାୟୀ ଦାୟିତ୍ୱ ନିର୍ବାହ କରିଥିଲା ତହିଁର ପ୍ରମାଣିକ ତଥ୍ୟ ଓ ତଥ୍ୟାଶ୍ରୟୀ ବିଶ୍ଳେଷଣ ପ୍ରଥମ ଥର ପାଇଁ ଏହି କ୍ଷୁଦ୍ର ନିବନ୍ଧରେ ଆପଣଙ୍କୁ ପ୍ରାପ୍ୟ ହେବ ।

ଏହା ମୁଁ ଏହି ଆଶାରେ ଖୋଦିତ କରିବାକୁ ଯାଉଛି କି, ମାତୃଭୂମି ଓଡ଼ିଶାକୁ ଭଲପାଉଥିବା ଲୋକେ ଅନୁଭବ କରନ୍ତୁ, " କି ଥିଲା ଏ ରାଜ୍ୟ, କି ହୋଇଛି ଆଜ" ଏବଂ ଚିନ୍ତା କରନ୍ତୁ , ପ୍ରତାରଣା ଓ ପ୍ରବଞ୍ଚନାର କାଳଫାଶ କବଳରୁ କିପରି ଓ କେତେ ଶୀଘ୍ର ମାତୃଭୂମି ଓଡ଼ିଶାକୁ ଉଦ୍ଧାର କରାଯାଇପାରେ ।

ଅଗଷ୍ଟ ୧୧, ୨୦୦୯



## ସମର୍ପଣ

ଡିଗିରିଆ ଗଡ଼ ସନ୍ନିକଟ ନୂଆ ଶାସନର ପୁଣ୍ୟଶ୍ଳୋକ ବୀର କିଶୋର ଦାଶ ମୋର ପ୍ରଥମ ଶିକ୍ଷକ । ଆମ ଗଡ଼ରେ ଥିଲା ତାଙ୍କ ଚାଟଶାଳୀ । ସେଇଠି ଶିଖିଥିଲି ମୋ ମାତୃଭାଷାର ପ୍ରଥମ ଅକ୍ଷର । ସେଇଠି ପ୍ରଥମେ ବାରିଥିଲି, ବାପମାଆଙ୍କ ପରିଧି ବାହାରେ ଏପରି ଜଣେ ଲୋକ ଥିବେ ଯେ ଏକାଧାରରେ ବାପମାଆ ଉଭୟ ହୋଇଯାଇପାରୁଥିବେ ସ୍ନେହରେ । ତାଙ୍କୁ ମନେ ପକାଇଲେ, ମନ ଆକାଶ ପରି ଅସୀମ ହୋଇଥିଲେ ବି ସେ ତା'ଠୁ ବଡ଼ ଲାଗନ୍ତି । ପଞ୍ଚଭୂତରେ ବିଲୀନ ହୋଇ ସାରିଛି ଆଖିରେ ପଡୁଥିବା ତାଙ୍କ ଦେହଟି କେବେଠୁ । କିନ୍ତୁ ସବୁ ଶୁଭ ପ୍ରେରଣାର ଅନ୍ୟତମ ଉଦ୍ଦୀପ୍ତ ଉତ୍ସ ହୋଇ ସେ ହିଁ ରହିଛନ୍ତି ମୋ ଜୀବନରେ ନିରବଧି । ଏହି ନିବନ୍ଧଟି ତାଙ୍କରି ଅମ୍ଳାନ ସ୍ମୃତିରେ ସମର୍ପିତ ।



## *କି ଥିଲା ଓଡ଼ିଶା*

ବ୍ରିଟିଶ୍ କବଳକୁ ଯିବାରେ ଓଡ଼ିଶା ଥିଲା ଭାରତର ଶେଷ ଭୂମି । କିନ୍ତୁ ବ୍ରିଟିଶ୍ ଆଧିପତ୍ୟ ଅପସାରଣ ପାଇଁ ତା ବିରୁଦ୍ଧରେ ଅସ୍ତ୍ର ତୋଳିବାରେ ଏହାହିଁ ଥିଲା ପ୍ରଥମ । ଏହା ହିଁ ଥିଲା ଓଡ଼ିଶା । ଭାରତର ଅନ୍ୟ କୌଣସି ପ୍ରଦେଶ ଏହି ବୈଶିଷ୍ଟ୍ୟର ଅଧିକାରୀ ନୁହନ୍ତି । ଟୟନ୍‌ବୀଙ୍କ ସ୍ୱୀକାରୋକ୍ତି ହେଲା, *ଆମେ ଓଡ଼ିଶା ଦଖଲ କରୁଁ ନ କରୁଁ ଏପରି ଏକ ଉତପ୍ତ ଝଡ଼ ଲେଲିହାନ ହୋଇଉଠିଥିଲା ଯାହା ସୃଷ୍ଟି କରିଥିଲା ସମଗ୍ର ଓଡ଼ିଶାରୁ ନ ହେଲେ ବି ଖୁରୁଧା ମୁଲକରୁ ଆମେ ତଡ଼ା ଖାଇଯିବାର ଆଶଙ୍କା* "It was not long, however, before we had to encounter a storm which burst with so sudden fury as to threaten our expulsion, if not from the whole of Orissa, at least from the territory of Khurda". (A sketch of the History of Orissa, G.Toynbee / O.H.R.J. Vol No.1& 2)

ସାରା ଭାରତରେ ଏହା ଥିଲା ଅନନ୍ୟ ଓ ବସ୍ତୁତଃ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ଏହାକୁ ସାମ୍ନା କରିବା ବ୍ରିଟିଶ୍ ପକ୍ଷେ ଅସମ୍ଭବ ଥିଲା । କମିସନର୍ Robert Kerଙ୍କୁ ୯ ।୯ ।୧୮୧୮ ତାରିଖରେ ଜଏଣ୍ଟ ମାଜିଷ୍ଟ୍ରେଟ୍ W.Forrester ଜଣାଇଥିଲେ , ଓଡ଼ିଶା ମାଟିର ଗୁଣ ଓ ଓଡ଼ିଆ ଜାତିର ମିଜାଜ୍ ଏପରି ତୀକ୍ଷ୍ଣ ଯେ ସେନାନୀ ବା ପୋଲିସ୍ ବାହିନୀ ବଳରେ ଏହି ଯୁଦ୍ଧ ଜିତିବା ବ୍ରିଟିଶ୍ ପକ୍ଷେ ସମ୍ଭବ ନୁହେଁ । ( "Since the breaking out of the insurrection very few men of any consequence have ever been apprehended and it is to be feared that the nature of the country and disposition of the inhabitants will always present formidible obstacle to the supression of these disturbances either by military or police".(Para 18 of the Report)

ଫଳରେ, ଓଡ଼ିଆ ଜାତିର ନେତୃତ୍ୱ ନେଇଥିବା ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ସହ ସନ୍ଧି ସ୍ଥାପନ ପାଇଁ ବାଧ୍ୟ ହୋଇଥିଲା ବ୍ରିଟିଶ୍ ଏବଂ ପରିଣାମତଃ ମସ୍‌ନଦୀୟ ସ୍ୱୀକୃତି ଅର୍ଜନ କରିଥିଲା ।

### ପଡ଼ୋଶୀଙ୍କ କାରସାଦି

ଭାରତର ଅନ୍ୟାନ୍ୟ ଅଞ୍ଚଳଗୁଡ଼ିକ, ବିଶେଷତଃ ଓଡ଼ିଶାର ପଡ଼ୋଶୀ ପ୍ରଦେଶଗୁଡ଼ିକ ବ୍ରିଟିଶ୍ ସହ ସାଲିସ୍ କରି ରହିବା ପରିବର୍ତ୍ତେ ଓଡ଼ିଆଙ୍କ ସହ ହାତ ମିଳାଇ ନିଜ ନିଜ ଅଞ୍ଚଳର ମୁକ୍ତି ପାଇଁ ଯଦି ଆଗେଇ ଆସିଥାନ୍ତେ ତେବେ ସେତେବେଳେ କଞ୍ଚା ଅବସ୍ଥାରେ ଥିବା ବିଲାତି କବ୍‌ଜା ଭାରତକୁ ହୁଏତ ଏତେ ଦୀର୍ଘ ଦିନ ତା କବଳରେ ରଖିପାରିନଥାନ୍ତା ଓ ଭାରତର ଏହି ପ୍ରଥମ ସ୍ୱାଧୀନତା ସଂଗ୍ରାମ ହୁଏତ ସୁନିଶ୍ଚିତ ଭାବେ ନିର୍ଣ୍ଣାୟକ ହୋଇପାରିଥାନ୍ତା ।

ମାତ୍ର ସେହି ପଡ଼ୋଶୀ ରାଜ୍ୟବାସୀମାନେ ପୂର୍ବରୁ ଓଡ଼ିଆମାନଙ୍କଠାରୁ ପାଇଥିବା ପରାଭବ ଓ ତଜ୍ଜନିତ ହୀନମନ୍ୟତାରେ ଏପରି ଆଛନ୍ନ ହୋଇରହିଥିଲେ ଯେ ତହିଁରୁ ନିଷ୍କୃତି ଲାଭ କରି ଓଡ଼ିଆମାନଙ୍କ ଉପରେ ପ୍ରତିଶୋଧ ନେବାକୁ ବ୍ରିଟିଶ୍ ସହ ହାତ ମିଳାଇବା ଏକ ସୁଯୋଗ ବୋଲି ମନେକଲେ ।

### ବିଲାତିଙ୍କ ଷଡ଼ଯନ୍ତ୍ର

ଓଡ଼ିଆଙ୍କ ଅକୁତୋଭୟ ଦେଶପ୍ରେମ ସମ୍ମୁଖରେ ଅନୁପ୍ରବେଶକାରୀ ବ୍ରିଟିଶ୍ ନିଜକୁ ଏତେ ଅସୁରକ୍ଷିତ ମଣୁଥିଲା ଯେ, ଏହି ବୀର ଜାତିର ଐକ୍ୟ ଓ ସଂହତି ଯେପରି ଅଧିକ କାଳ ସୁଦୃଢ଼ ହୋଇ ନ ରହେ ଏବଂ ଉଜୁଡ଼ି ଯାଏ ସେହି ଉପାୟ ଖୋଜୁଥିଲା । ଫରେଷ୍ଟରଙ୍କ ଉପରୋଦ୍ଧୃତ ଅଭିମତ ପ୍ରେକ୍ଷାପଟରେ ବକ୍ସି ଜଗବନ୍ଧୁଙ୍କ ସହ ସନ୍ଧି ସ୍ଥାପନ ଦ୍ୱାରା ଯେଉଁ ମସ୍‌ନଦୀୟ ସ୍ୱୀକୃତି ତାହା ପାଇପାରିଥିଲା ତାହାରି ସନ୍ଧିରେ ହିଁ ଏହି ଉପାୟ ତାକୁ ମିଳିଗଲା ।

ଶାସନ ପରିଚାଳନା ପାଇଁ ସୁବିଧା ହେବ ବୋଲି ଯୁକ୍ତି କରି ତାହା ଭାଗ ଭାଗ କରିଦେଲା ଓଡ଼ିଆ ମାଟିକୁ ଏବଂ ପଡ଼ୋଶୀ ଅଣଓଡ଼ିଆ ପ୍ରଦେଶଗୁଡ଼ିକ ସହ ସେହି ଭାଗଗୁଡ଼ିକୁ ଯୋଡ଼ି ସେଠିକାର ଓଡ଼ିଆମାନଙ୍କୁ ସେହି ସେହି ଅସହିଷ୍ଣୁ ରାଜ୍ୟମାନଙ୍କରେ

ସଂଖ୍ୟାଲଘୁ ସ୍ତରକୁ ଖସାଇଦେଲା । ତଦ୍ଦ୍ୱାରା ଓଡ଼ିଆମାନଙ୍କ ଯୌଥବିକ୍ରମ ତଳିତଳାନ୍ତ ହୋଇଗଲା ଓ ବ୍ରିଟିଶ୍ ନିଜକୁ ନିରାପଦ ମଣିଲା । ଏବଂ , ତହିଁର ସୁଯୋଗ ନେଇ ସେହି ଈର୍ଷୁକ ପଡ଼ୋଶୀମାନେ ନିଜ ନିଜ ବିଲାତି ପ୍ରଭୁମାନଙ୍କ ସହାୟତାରେ ଓଡ଼ିଆମାନଙ୍କ ସର୍ବନାଶ ଭିଆଇଲେ । ଓଡ଼ିଆମାନଙ୍କ  ଭୌମିକ ସଂପତ୍ତି ଓ ସାଂସ୍କୃତିକ ଐତିହ୍ୟ ଲୁଟ୍ କରିବା ହୋଇଉଠିଲା ସେହି ଅଣଓଡ଼ିଆମାନଙ୍କ ପକ୍ଷେ ସହଜସାଧ୍ୟ ।

ଏହାର ପ୍ରତିକାରପାଇଁ ଭିନ୍ନ ଏକ ରଣକୌଶଳ ବାଛିନେଲେ ଦେଶପ୍ରେମୀ ଓଡ଼ିଆମାନେ । ତାହା ହେଲା ଛିନ୍ନ ବିଛିନ୍ନ ହୋଇପଡ଼ିଥିବା ଉତ୍କଳ ଜନନୀଙ୍କ ଅବୟବକୁ ପୁନର୍ବାର ଏକତ୍ର କରିବାପାଇଁ ଗଣମାଧ୍ୟମର ଉପଯୋଗ ।

ସମଗ୍ର ଇତିହାସ ଏପର୍ଯ୍ୟନ୍ତ ଦେଖିପାରିନଥିବା ଏହି ଯୁଗାନ୍ତକାରୀ ବିଭାବନା ଉପରେ ସର୍ବନିମ୍ନ ଆବଶ୍ୟକୀୟ ଆଲୋକପାତ ହିଁ ଏହି ନିବନ୍ଧର ଉଦ୍ଦେଶ୍ୟ ।

### *ଏ ଷଡ଼ଯନ୍ତ୍ର ବିରୁଦ୍ଧରେ ପ୍ରଥମ ଝଲକ : ଦିନବନ୍ଧୁ ପଟ୍ଟନାୟକ*

ବିଲାତି ଗୋରା ଓ ଅଣଓଡ଼ିଆ ପ୍ରତିବେଶୀଙ୍କ ଷଡ଼ଯନ୍ତ୍ର କବଳରୁ ଓଡ଼ିଆ ଜାତିକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକୁ ପୁନର୍ବାର ଏକତ୍ର କରିବାପାଇଁ ସର୍ବ ପ୍ରଥମ ଉଦ୍ୟମ କରିଥିଲେ  ଗଞ୍ଜାମର ଘୁମୁସର ନିବାସୀ ଦିନବନ୍ଧୁ ପଟ୍ଟନାୟକ । ବିଦେଶୀ ଭାଷା କବଳରୁ ନିଜ ଅଞ୍ଚଳରେ ନିଜ ଭାଷାକୁ ରକ୍ଷା କରିବାପାଇଁ ତାଙ୍କ ଉଦ୍ୟମରୁ ହିଁ ଅବଶେଷରେ  ଆଧୁନିକ ଓଡ଼ିଶାର ସୃଷ୍ଟି । ଏହା ସମ୍ଭବ ହୋଇଥିଲା ଗଣମାଧ୍ୟମର ପ୍ରତିବଦ୍ଧ ସହଯୋଗ ହେତୁ ।

ସମୀପବର୍ତ୍ତୀ ମାନ୍ଦ୍ରାଜ ପ୍ରଦେଶରେ ସାମିଲ କରାହୋଇଥିବା ଓଡ଼ିଆମାନଙ୍କ ପାଇଁ ନିଜ ମାତୃଭାଷା ସରକାରୀ ଭାଷା ହୋଇ ନ ରହିବାରୁ ଓ ତେଲେଙ୍ଗା ଭାଷାକୁ ସରକାରୀ ଭାଷା ଭାବେ ଓଡ଼ିଆ ଅଞ୍ଚଳରେ ପ୍ରବର୍ତ୍ତନ କରାଯାଇଥିବାରୁ ଓଡ଼ିଆମାନେ ପ୍ରଶାସନିକ ନିଷ୍ପେଷଣର ଶିକାର ହୋଇଚାଲିଥିବା ହୃଦୟଙ୍ଗମ କରି ସେ ହିଁ ତହିଁର ପ୍ରତିକାର ପାଇଁ ପ୍ରଥମ ଉଦ୍ୟମ କରିଥିଲେ । ନିଜେ ଜଣେ ବିଶିଷ୍ଟ ସରକାରୀ କର୍ମଚାରୀ ହୋଇ ମଧ୍ୟ ସେ ନିଜ ଅଞ୍ଚଳର ଲୋକମାନଙ୍କୁ ଏକତ୍ର କରାଇ ଏକ ସାର୍ବଜନିନ ପ୍ରସ୍ତାବ ଗ୍ରହଣ କରାଇଥିଲେ

ତାଙ୍କ ଅଞ୍ଚଳକୁ ମାନ୍ଦ୍ରାଜରୁ ମୁକ୍ତ କରି ଓଡ଼ିଆ ଭାଷା ସରକାରୀ ଭାଷା ଭାବେ ପ୍ରଚଳିତ ଥିବା ଭୂମଣ୍ଡଳ ସହ ସେମାନଙ୍କୁ ଏକତ୍ର ରଖାଯିବା ସପକ୍ଷରେ । ଏବଂ ଏଥିପାଇଁ ବୃହତ୍ତର ଓଡ଼ିଆ ସମାଜର ଐକ୍ୟ ଗଠନ ଦିଗରେ ଜନମତ ସୃଷ୍ଟି ପାଇଁ ବି ପଦକ୍ଷେପ ନେଇଥିଲେ । ତଦୁଦ୍ଦେଶ୍ୟରେ କଟକ ଓ ପୁରୀ ଜିଲ୍ଲା ନିବାସୀ ଓଡ଼ିଆମାନଙ୍କୁ ସେମାନଙ୍କ ସହ ହାତମିଳାଇବାକୁ ସେ ନିବେଦନ କରିଥିଲେ । ଏବଂ ତାହାହିଁ ଥିଲା ଭାଷା ଭିତ୍ତିରେ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ପୁନର୍ଗଠନ ଦିଗରେ ପ୍ରଥମ ପଦକ୍ଷେପ ।

କିନ୍ତୁ ଲକ୍ଷ୍ୟ କରିବାର କଥା, ଏହି ନିବେଦନ ଉପସ୍ଥାପନାର ମଞ୍ଚ ଭାବେ କଟକ ଓ ପୁରୀ ଜିଲ୍ଲାର କୌଣସି ନେତୃସ୍ଥାନୀୟ ବ୍ୟକ୍ତି ବା ସଂଗଠନ ପରିବର୍ତ୍ତେ ସମ୍ବାଦପତ୍ରକୁହିଁ ବ୍ୟବହାର କରିବାକୁ ପସନ୍ଦ କରିଥିଲେ ଦିନବନ୍ଧୁ । ସାମୟିକ ହୋଇଥିବା ସତ୍ତ୍ୱେ ତତ୍କାଳୀନ ଓଡ଼ିଶାର ସର୍ବାଧିକ ଜନପ୍ରିୟ ସମ୍ବାଦପତ୍ର *ଉତ୍କଳ ଦୀପିକା*ର ସଂପାଦକଙ୍କ ମାଧ୍ୟମରେ ଓଡ଼ିଆ ଜାତି ପାଖରେ ସେ ରଖିଥିଲେ ତାଙ୍କ ନିବେଦନ ।

ଏ ପର୍ଯ୍ୟନ୍ତ ଆମ ଇତିହାସ ଏଥିପ୍ରତି କୌଣସି ଦୃଷ୍ଟିପାତ କରି ନ ଥିଲେ ମଧ୍ୟ ଦିନବନ୍ଧୁ ପଟ୍ଟନାୟକ ଯେ ଓଡ଼ିଶା ପ୍ରଦେଶ ଗଠନର ପ୍ରଥମ ଉଦ୍ୟୋକ୍ତା ଏବଂ *ଉତ୍କଳ ଦୀପିକା* ଯେ ଥିଲା ତହିଁର ପ୍ରଥମ ମଞ୍ଚ , ଏହା  ନିଃସଙ୍କୋଚ କୁହାଯାଇପାରେ ।

ଦିନବନ୍ଧୁଙ୍କ ନିବେଦନ ଦଲିଲ୍‌ଟି ଅତ୍ୟନ୍ତ ଦୁର୍ଲଭ୍ୟ । ଐତିହାସିକ ଗୁରୁତ୍ୱ ଦୃଷ୍ଟିରୁ *ଉତ୍କଳ ଦୀପିକା*ର  ୨୨ ।୧୦ । ୧୮୭୦ ସଂସ୍କରଣରୁ ମୁଁ ନିମ୍ନରେ ତାହା ପ୍ରଦାନ କରୁଛି । ଏଥିରେ ବ୍ରିଟିଶ୍ ଓ ଅଣଓଡ଼ିଆଙ୍କ ଷଡ଼ଯନ୍ତ୍ର ହେତୁ ଓଡ଼ିଆମାନେ ଭୋଗୁଥିବା ଦୁର୍ଦ୍ଦଶା ଓ ତହିଁର ନିରାକରଣପାଇଁ ସାଂଗଠନିକ ଜାଗୃତିର ଆବଶ୍ୟକତା କିପରି ଅନୁଭୂତ ହୋଇଥିଲା ତାହାର ସ୍ପଷ୍ଟ ଚିତ୍ର ଉପଲଭ୍ୟ ।

ସଂପାଦକଙ୍କୁ ସମ୍ବୋଧିତ ଏହି ଦଲିଲ୍‌ଟି *ଘୁମୁସରବାସୀଙ୍କ ପତ୍ର* ଭାବେ ଉପସ୍ଥାପିତ । ଏହା ଏହିପରି :

"କଟକ ଓ ପୁରୀ ଜିଲ୍ଲା ଅନ୍ତର୍ଗତ ଉତ୍କଳଦେଶ ନିବାସୀ ମହାଶୟମାନଙ୍କୁ କେତେକ ବିଷୟ ଜ୍ଞାତ କରାଇବାର

ଅତ୍ୟାବଶ୍ୟକ ଥିବାରୁ ନିମ୍ନ ଲିଖିତ ବୃତ୍ତାନ୍ତ ଲିପିବଦ୍ଧ କଲୁଁ । ଆପଣ ପରୋପକାର କରିବା ଅଭିପ୍ରାୟରେ ଅନୁଗ୍ରହ କରି ଓ ନିମ୍ନ ଲିଖିତ ବୃତ୍ତାନ୍ତ ସଂଶୋଧନ ପୁରଃସର ଉତ୍କଳ ଦୀପିକାର ଏକ ପାର୍ଶ୍ୱରେ ସ୍ଥାନ ଦାନ କରି ପାଠକ ମହାଶୟମାନଙ୍କୁ ଅବଗତ କରାଇବା ହେବେ ।

ବର୍ତ୍ତମାନ ଏ ସେପ୍‌ଟେମ୍ବର ମାସ ୧୧ ତାରିଖରେ ଗଞ୍ଜାମ ଜିଲ୍ଲା ଘୁମୁସର ତାଲୁକ ରସୁଲକୋଣ୍ଡା ମୁକାମରେ ଏକ ସଭା ହୋଇଥିଲା । ଏ ସଭାରେ ପରମେଶ୍ୱରଙ୍କ କୃତକାର୍ଯ୍ୟ ଓ ରାଜଶାସନାଦିର ଫଳାଫଳ ଓ ପୂର୍ବରୁ ପୁରୁଷାନୁକ୍ରମେ ଚଳି ଆସୁଥିବା ବ୍ୟବସ୍ଥା ଓ ଦେଶର ମଙ୍ଗଳାମଙ୍ଗଳ ଯାବତ୍ ବିଷୟ ବିଚାର ହେବାରେ , ଭାରତବର୍ଷ ଶ୍ରୀମତୀ ମହାରାଣୀଙ୍କ ସ୍ୱାଧୀନ ହେବା ଦିନାଦିରୁ ପୂର୍ବପ୍ରତି ଯାବତ୍ ଦେଶର ବିଦ୍ୟା ଉନ୍ନତି ହୋଇ ଶ୍ରୀବୃଦ୍ଧି ହୋଇ ଆସୁଅଛି । ମାତ୍ର ଗଞ୍ଜାମ ଜିଲ୍ଲା ଅନ୍ତଃପାତି ହୋଇଥିବା ଋଷିକୁଲ୍ୟା ସମୀପ ଦକ୍ଷିଣ ଉତ୍ତର ପ୍ରଦେଶରେ ଥିବା ଯାବତ୍ ରାଜ୍ୟରେ ଓଡ଼ିଆ ଲୋକେ ନିବାସ କରୁଥିବାରେ ପୂର୍ବରେ ରାଜସଭାରେ ଉତ୍କଳବିଦ୍ୟା ପ୍ରଚଳ ଥିବାରୁ ସେ ବିଦ୍ୟା ମାତୃଭାଷା ଥିବାରେ ଲୋକମାନେ ବିଦ୍ୟାବନ୍ତ ହୋଇ ରାଜଦ୍ୱାରେ ଉଚ୍ଚ ପଦମାନ ପାଇ ସ୍ୱମର୍ଯ୍ୟାଦା ପ୍ରକାରେ ରାଜକର୍ମ କରୁଥିଲେ ଓ ମଧ୍ୟ, ଲକ୍ଷ୍ମୀଯୁକ୍ତ ବିଦ୍ୟାବନ ଲୋକମାନେ ପାଣିନୀୟ ବ୍ୟାକରଣ ଗଣିତ ଶାସ୍ତ୍ରାଦି ନାନାବିଧ ଗ୍ରନ୍ଥମାନ ରଚନା କରୁଥିଲେ । ଏ ହେତୁରୁ ଲୋକମାନଙ୍କର ଯଶଃ ଶ୍ରୀ ବିଦ୍ୟା ବୃଦ୍ଧି ହୋଇ

ଭାଗ୍ୟବାନ ହେଉଥିଲେ । ଏ ଦେଶମାନ ସରକାର ସ୍ୱାଧୀନ ହେବାରେ କଚେରୀରେ ତେଲେଙ୍ଗୀ ବିଦ୍ୟା ପ୍ରଚାର ହେବାରୁ କ୍ରମେ କ୍ରମେ ଏ ଦେଶ ଲୋକଙ୍କର ଶ୍ରୀ ଚ୍ୟୁତ ହୋଇ ଯଶଃ ଶ୍ରୀ ବିଦ୍ୟା ବୁଦ୍ଧି ଲୋପ ହେବା ପ୍ରତ୍ୟକ୍ଷେ ସରକାରରୁ ନ୍ୟାୟ ଲଭିବାର ଦୁଷ୍କର ହୋଇଅଛି । *କେବଳ ତେଲିଙ୍ଗି ଦେଶ ଲୋକଙ୍କର ଶ୍ରୀ ବୃଦ୍ଧି ହୋଇ ଯେଉଁ ଲୋକମାନେ ଏ ଦେଶକୁ ଯମାଳୟ ପରି ଜ୍ଞାନ କରୁଥିଲେ ସେମାନେ ବର୍ତ୍ତମାନ ସରକାରୀ କର୍ମରେ ନିଯୁକ୍ତ ହୋଇ ଏ ଦେଶରେ ଅଧିକାର କରି ଯମଦୂତ ପରି କର୍ମ କରୁଅଛନ୍ତି* । ଆଉ ୟୁରୋପୀୟ ହାକିମମାନେ ଯେ ଆସୁଅଛନ୍ତି ସେମାନଙ୍କ ଅମଲାଗଣ ସେହି ତେଲେଙ୍ଗା ଦେଶ ଲୋକ ଥିବାରୁ ତାହାଙ୍କଠାରେ ବଶୀଭୂତ ହୋଇ ସେହି ତେଲେଙ୍ଗା ଭାଷାରେ ତାହାଙ୍କ ପରାମର୍ଶରେ କର୍ମ କରୁଥିବାରୁ ଓଡ଼ିଆ ଲୋକମାନେ ସେହି ହାକିମମାନଙ୍କୁ ଭୟ କରି ଆପଣାର ଦୁଃଖ ହାଲ୍ କିଛି କହିପାରୁନାହାନ୍ତି ଓ ମଧ୍ୟ, ମାମଲା ମକଦ୍ଦମା ବିଚାର ସମୟରେ ସେହି ତେଲେଙ୍ଗା ଭାଷାରେ କଥୋପକଥନ ହେଉଥିବାରୁ ପ୍ରଜାମାନେ ଅସଲ ହାଲ୍ ବୁଝିପାରୁ ନ ଥିବାରୁ ଉଚିତ ଜବାବ ସୁଆଲ କରି ନ ପାରି ଅମଲାମାନଙ୍କ ବିନା ସହାୟରେ କେହି ନ୍ୟାୟ ଲଭି ପାରୁନାହାନ୍ତି । ଅମଲାମାନଙ୍କୁ ସହାୟ କରି ଲୋଡ଼ିବାରେ ପ୍ରଜାଙ୍କର ଯେ କ୍ଷତି ହେଉଅଛି ସେଥିରେ *ଆଖୁକୁ ମାରି ବାଉଁଶକୁ ପାଣି ଦେଣ୍ଡିଲା* ପରି ହେଉଅଛି । ଏ ହେତୁ ତଳ ଲିଖିତ ଜିଲ୍ଲା ଜାତରେ ନିବାସ କରିଥିବା ଅନ୍ଦାଜ ଦଶ ଲକ୍ଷ

ମନୁଷ୍ୟମାନଙ୍କର ଶ୍ରୀ ଚ୍ୟୁତ ହୋଇ ତେଲେଙ୍ଗୀ ଦେଶ ଲୋକଙ୍କର ଶ୍ରୀ ବୃଦ୍ଧି ହେବାକୁ କାରଣ ହେଉଅଛି । ଆଉ ଏ ଦେଶର ଗ୍ରାମାଧିକାରୀ ଅର୍ଥାତ୍ କରଣ କାର୍ଯ୍ୟୀ ଓଗେର ଗ୍ରାମ ପ୍ରଧାନ ଲୋକେ ତାହାଙ୍କ ପୂର୍ବପୁରୁଷାର୍ଜିତ ରାଜାମାନେ ଦେଇଥିବା ଭୂମି ଓ ରୁସୁମ ଭୋଗକରି ପୂର୍ବରେ ରାଜସଭାରେ ସ୍ୱମର୍ଯ୍ୟାଦା ପ୍ରକାରେ ବସୁଥିବା , ସେଥି ମଧ୍ୟରୁ କେହି କେହି ପାତ୍ରାଦି ଅଧିକାରମାନ ଜାରି କରୁଥିବା, କେହି କେହି ଗ୍ରାମାଧିକାର କରି ଯେପରି ଗ୍ରାମର ଲେଖାମାନଙ୍କୁ ରାଜଦରବାରରେ ଦାଖଲ କରୁଥିଲେ ବର୍ତ୍ତମାନ ସେହି ଭୂମି ଓ ରୁସୁମ୍ ଖାଇ ପୂର୍ବପ୍ରତି ବିଶେଷରେ ଲେଖାମାନ ସରକାରରେ ଦାଖଲ କରୁଥିବା ପ୍ରତ୍ୟକ୍ଷେ ଓଡ଼ିଆ ଅକ୍ଷରରେ ଲେଖାଲେଖି ଦାଖଲ କରୁଥିବାରୁ ସେ ଲେଖାମାନ ତେଲେଙ୍ଗାରେ ତର୍ଜମା କରି ଆଣିବାକୁ ହାକିମମାନେ ହୁକୁମ ଦେଉଥିବାରୁ ସେଥିରେ ଗ୍ରାମାଧିକାରୀମାନଙ୍କୁ ଯେ ଖର୍ଚ୍ଚା ଲାଗୁଅଛି ସେଥିରେ ତାହାଙ୍କ ପୂର୍ବପୁରୁଷାର୍ଜିତ ଭୂମିରୁ ଆୟ ହେବା ସବୁ ଦ୍ରବ୍ୟ ବ୍ୟୟ ହୋଇ ରୁସୁମ୍ ଯାହା ମିଳୁଅଛି ତାହା କଚେରୀରେ ପଡ଼ିରହିବା ଖର୍ଚ୍ଚକୁ ସରି ହେଉଅଛି । ଏ ହେତୁ ଗ୍ରାମାଧିକାରୀମାନେ ପରିପୋଷଣ ହୋଇ ନ ପାରି କେହି କେହି କୁଲି ପରି ଚାଷ କରିବା ଓ ପ୍ରଜାମାନଙ୍କୁ ଯାଚଞ୍ଚା କରିବା ଇତ୍ୟାଦି ନୀଚବୃତ୍ତିରେ କଷ୍ଟରେ ପ୍ରତିପୋଷଣ ହେଉଅଛନ୍ତି ଓ ମଧ୍ୟ, କେତେ ଲୋକ ଋଣଗ୍ରସ୍ତ ହୋଇ ସରକାରୀ ଟଙ୍କା ଖାଇଦେଇ କର୍ମଚ୍ୟୁତ ଓ କଏଦୀ

ହୋଇଯାଉଛନ୍ତି । ଆର୍ତ୍ତର ସମୟ ଦେଖି ଏ ଦେଶୀୟ ଓଡ଼ିଆ ଲୋକଙ୍କ ହାତେ କୌଣସି କରକାରୀ କାମ ହେବ ନାହିଁ ବୋଲି ହାକିମମାନଙ୍କଠାରେ ଅମଲାମାନେ କହୁଥିବାରେ ହାକିମମାନେ ସାରାସାର ବିବେଚନା ନ କରି ନୂତନରେ ସରକାର କର୍ମରେ ରଖିବାର ଦୂରେ ଥାଉ , ପୁରୁଷାନୁକ୍ରମେ ଥିବା ଚାକିରିରୁ ମଧ୍ୟ ଅନ୍ତର କରାଇବାର ଚେଷ୍ଟା କରାଉଅଛନ୍ତି । ଯେବେ ଏ ଦେଶୀୟ ଓଡ଼ିଆ ଲୋକଙ୍କ ହାତେ ସରକାରୀ କର୍ମ ହେଉନାହିଁ ତେବେ ଘୁମୁସର ରାଜ୍ୟ ସରକାର ସ୍ୱାଧୀନ ହେବା ସମୟରେ ବାଲାଜୀ ପଟ୍ଟନାୟକ ଓ ବଳଭଦ୍ର ପଟ୍ଟନାୟକ ଓ ନିଧି ପଟ୍ଟନାୟକ ଓଗେର ସରକାରୀ କର୍ମରେ ମୁକରିର ହୋଇ ଅନ୍ଦାଜ ୨୦ ବର୍ଷ ପର୍ଯ୍ୟନ୍ତ କି ପ୍ରକାରେ କର୍ମ କରୁଥିଲେ ଆଉ କନ୍ଧମାନେ ନିବାସ କରୁଥିବା ମାଳ ପ୍ରଦେଶରେ କି ପ୍ରକାରେ ପୂର୍ବରେ ଓଡ଼ିଆ ଲୋକେ ଅର୍ଥାତ୍ ମହାନ୍ତି ହରିବନ୍ଧୁ ପଟ୍ଟନାୟକ ଓ ଶ୍ରୀହର୍ଷ ପଟ୍ଟନାୟକ ଓ ବାଲାଜୀ ପଟ୍ଟନାୟକ ଓ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ସାମନ୍ତ ବିନାୟକ ସିଂହ ଓ ସୁନ୍ଦର ସିଂହ ଓ ଗୋପ ସିଂହ ଓଗେର କି ପ୍ରକାରେ ସରକାରୀ କର୍ମ କରି ଯଶ ଲଭିଅଛନ୍ତି ? ବର୍ତ୍ତମାନ ଘୁମୁସରନିବାସୀ ଶ୍ରୀଯୁକ୍ତ ବାବୁ ଦିନବନ୍ଧୁ ପଟ୍ଟନାୟକ ଓ ବୃନ୍ଦାବନ ବିଶୋଇ ଓ ବୈଦ୍ୟନାଥ ପଟ୍ଟନାୟକ ଓ ଚୈତନ୍ୟ ସିଂହ ଓଗେର କି ପ୍ରକାରେ ସରକାରୀ କର୍ମ କରି ଯଶସ୍ୱୀ ହୋଇଅଛନ୍ତି ?  ମାତ୍ର ମାଳ ପ୍ରଦେଶର ମନୁଷ୍ୟ ମନ୍ଦ, ଜଳ ପବନ ସବୁ ମନ୍ଦ ଥିବାରୁ ତେଲେଙ୍ଗା ଦେଶର ଲୋକେ

ଭୀରୁ ଭାବରେ ମାଳ ପ୍ରଦେଶକୁ ନ ଯିବାରୁ ଓଡ଼ିଆ ଲୋକେ ବହୁତ ମଜବୁତ ବୋଲି ସେହି ଅମଲା ସୁପାରିଶ କରିବାରେ ସେହି ହାକିମମାନେ ଓଡ଼ିଆ ଲୋକଙ୍କୁ ତେଲେଙ୍ଗା ନ ଆସୁଥିଲେ ମଧ୍ୟ ଉଚ୍ଚପଦରେ ନିଯୁକ୍ତ କରିଅଛନ୍ତି ଓ ମଧ୍ୟ , ଓଡ଼ିଆ ଲୋକେ କେତେଦିନ ସେ ଦୁଃସାଧ୍ୟ ଜେଗାରେ ରହି ସାଧ୍ୟ କଲାରୁ ତେଲେଙ୍ଗା ବିଦ୍ୟା ଜାଣିବା ଲୋକ ନ ରହିଲେ କର୍ମ ଚଳିବ ନାହିଁ ବୋଲି ସେମାନଙ୍କୁ ବାହାର କରିବାର ଚେଷ୍ଟା କରି ତେଲେଙ୍ଗା ଦେଶର ଲୋକେ ନ ଗଲେ ମଧ୍ୟ ମୁସଲ୍‌ମାନ୍ ଲୋକଙ୍କୁ ପଠାଉଅଛନ୍ତି । ଏ ସମସ୍ତ କେବଳ ଦେଶର ଚଳିତ ଭାଷାର ବିଦ୍ୟା ପ୍ରଚାର ନ ହୋଇ କଚେରୀରେ ଅନ୍ୟ ଦେଶର ତେଲେଙ୍ଗୀ ବିଦ୍ୟା ପ୍ରଚାର ହେବାରୁ ଦେଶୀୟ ଲୋକମାନଙ୍କୁ ଦେଶର କୌଣସି ଉପଯୁକ୍ତ କର୍ମ ସରକାରରୁ ନ ମିଳି ନାନାଦି ଯନ୍ତ୍ରଣାମାନ ପ୍ରାପ୍ତ ହୋଇ ଲୋକମାନଙ୍କର ଯଶଃ ଶ୍ରୀ ବିଦ୍ୟା ଲୋପ ହୋଇ ଯାଇଅଛି ।................................. ।

ଏ ଦେଶୀୟ ଲୋକେ ଆପଣା ଦେଶରେ ଓଡ଼ିଆ ବିଦ୍ୟା ପ୍ରଚାର ହେବା ଆଶାରେ ମାନ୍ଦ୍ରାଜ ରାଜଧାନୀରୁ ଅନ୍ତର ହୋଇ ବଙ୍ଗଳା ରାଜଧାନୀରେ ରହିବାର ଇଚ୍ଛା କରୁଥିବାରୁ ଓ ମଧ୍ୟ, ଏ ଦେଶରେ ନିଯୁକ୍ତ ହୋଇଥିବା ତେଲେଙ୍ଗା ଦେଶ ଅମଲାମାନଙ୍କ ଭୟରେ ଏ ଦେଶୀୟ ଲୋକ ସ୍ୱତନ୍ତ୍ରରେ ଦରବାର କରିବାକୁ କେହି ସମର୍ଥ ନ ଥିବାରୁ ଏଥି ବିଷୟରେ ଆପଣା ଗଭର୍ଣ୍ଣମେଣ୍ଟଙ୍କୁ କିଛି ଜଣା କରି ନ ପାରି ବିଶେଷ ଭାବନା କରି *ମହରଗ*

*କାଳେ ଗାଈ , ବିପତ୍ତି ବେଳେ ଭାଇ* ରକ୍ଷାକର୍ତ୍ତା ବୋଲି ଡାକବଚନ ଥିବାରୁ କଟକ ଜିଲ୍ଲା ମଧ୍ୟସ୍ଥ ଉତ୍କଳ ଦେଶୀୟମାନଙ୍କୁ ଦୁଃଖ ଜଣାଇବାର ସ୍ଥିର କରାଗଲା । ଉକ୍ତ ଜିଲ୍ଲାର ଉତ୍କଳଦେଶୀୟ ମହୋଦୟମାନେ ଦରିଦ୍ର ଲୋକଙ୍କ ଦୁଃଖ ମୋଚନ କରିବାର ଧର୍ମ କେଡ଼େ ତାହା ବିବେଚନା କରି ଉପରଲିଖିତ ଅବସ୍ଥାରୁ ଏ ଦେଶ ଲୋକଙ୍କୁ ଉଦ୍ଧାର କରି *ଶାସ୍ତ୍ରାନୁସାରେ ଉତ୍କଳ ଦେଶ ସମଗ୍ର ଏକତ୍ର ହୋଇ ଓଡ଼ିଶା ଜିଲ୍ଲାରେ ରହିବା ଓ ସର୍ବତ୍ର ଉତ୍କଳ ଦେଶର ଅଦାଲତରେ ଉତ୍କଳ ବିଦ୍ୟା ପ୍ରଚଳ ହେବା* ନିମିତ୍ତ ଭାରତବର୍ଷର ଶ୍ରୀଯୁକ୍ତ ରାଇଟ୍ ଅନରେବ୍ଲ ଗଭର୍ଣ୍ଣର୍ ଜେନେରାଲ ବାହାଦୁର୍‌ଙ୍କ ହଜୁରରୁ ହୁକୁମ ହେବା କାରଣ କଟକ ଜିଲ୍ଲା ଉତ୍କଳଦେଶୀୟ ମହାଶୟମାନେ ଯଥୋଚିତ ତଦ୍‌ବିର୍ କରି ଚିରସ୍ଥାୟୀ କୀର୍ତ୍ତି ରଖିବାର ଯଶଃ ପ୍ରକାଶ କରନ୍ତୁ ।

ଆଶ୍ଚର୍ଯ୍ୟ ଆନନ୍ଦ ହେବାର ଭରସା କରି ଦୀନଲୋକର ବନ୍ଧୁ ଯେ ସେ ଏ ଉଦ୍‌ଯୋଗ କରିଅଛନ୍ତି ।"

ଦୀନ ଲୋକର ବନ୍ଧୁ ଭାବେ ଏଠାରେ ଯାହାଙ୍କ ଉଲ୍ଲେଖ ଅଛି ସେ ଯେ ଘୁମୁସରର ଦିନବନ୍ଧୁ ପଟ୍ଟନାୟକ, ତହିଁର ଉଲ୍ଲେଖ ଅନାବଶ୍ୟକ । ଯେଉଁ ଯେଉଁ ଜିଲ୍ଲାଜାତ ଲୋକଙ୍କ ଦୁର୍ଦ୍ଦଶା ବର୍ଣ୍ଣନା ଏ ବିବୃତ୍ତିରେ ଖୋଦିତ ସେମାନେ ହେଲେ ଋଷିକୂଲ୍ୟା ନଦୀର ଉତ୍ତର ପାର୍ଶ୍ୱରେ ଥିବା ପାଲୁର, ହୁମା, ଗଞ୍ଜା, ବିରୁଳି, ପୂର୍ବଖଣ୍ଡ, ଖଲିକୋଟ, ଆଠଗଡ଼, ଘୁମୁସର, ଧରାକୋଟ, ସୋରଡ଼ା, ରତାବା, କରଡ଼ା, କଟିଙ୍ଗା ଓ ଗଦାପୁର ଏବଂ ଋଷିକୂଲ୍ୟାର ଦକ୍ଷିଣ ପାର୍ଶ୍ୱରେ ଥିବା ବରଗଡ଼, ଶେରଗଡ଼, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, ଚିକିଟି, ମହୁରି, ଜରଡ଼ା, ସୁରଙ୍ଗୀ, ବୁଢ଼ାରସିଂହ, ଜଳନ୍ତର, ମଞ୍ଜୁଷା, ତରଳା, ପାରଳା ଓ ଟିକିଲି ।

ମାନ୍ଦ୍ରାଜ ଅଧୀନରେ ଚାଲିଥିବା ତେଲୁଗୁଭାଷୀ ଶାସନ କବଳରେ ସର୍ବନାଶର ସମ୍ମୁଖୀନ ହୋଇଥିବା ଉପରୋକ୍ତ ଓଡ଼ିଆ ଅଞ୍ଚଳଗୁଡ଼ିକର ଅନୁଭୂତି ପ୍ରେକ୍ଷାପଟରେ ପୁଣ୍ୟଶ୍ଳୋକ ଦିନବନ୍ଧୁ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ରସୁଲକୋଣ୍ଡାରେ ଆୟୋଜିତ ଏହି ସଭା ଓ ଏଥିରେ ଗୃହୀତ ଏହି ପ୍ରସ୍ତାବ ଥିଲା ଭାଗ ଭାଗ କରିଦିଆଯାଇଥିବା ଓଡ଼ିଆ ଜାତିକୁ ପୁନର୍ବାର ଏକାଠି କରାଇବା ପାଇଁ ପ୍ରଥମ ସଂଗଠିତ ଉଦ୍ୟମ । ଏହାହିଁ ଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ପ୍ରଥମ ପ୍ରତିଜ୍ଞାର ପ୍ରଥମ ଉଚ୍ଚାରଣ । ଏହା ହିଁ ଥିଲା ଭାଷା ଭିତ୍ତିରେ ପ୍ରଦେଶ ଗଠନର ପ୍ରଥମ ପରିକଳ୍ପନାର ପ୍ରଥମ ପରିପ୍ରକାଶ ।

ମାତୃଭାଷାର ଭିତ୍ତି ଉପରେ ପରସ୍ପରକୁ ଭାଇ ଭାବେ ଗ୍ରହଣ କରି ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିଥିବା ଭାଇମାନେ ସେହି ମାତୃଭାଷାର ଯଜ୍ଞଶାଳରେ ଏକତ୍ର ମିଳିତ ହେବାପାଇଁ ଏପରି କୌଣସି ଉଦ୍ୟମ ଭାରତର ଅନ୍ୟ କୌଣସି ଜାତି ଭିତରେ ଦେଖାଦେଇନଥିଲା ଯେପରି ସେଦିନ ଦେଖାଦେଇଥିଲା ଘୁମୁସର ଭୂମିରେ, ଦିନବନ୍ଧୁ ପଟ୍ଟନାୟକଙ୍କ ନେତୃତ୍ୱରେ । ଦୁଃଖର କଥା, ଇତିହାସ ଏପର୍ଯ୍ୟନ୍ତ ଏହି ସତ୍ୟକୁ ଅବଲୋକନ କରିନାହିଁ ।

## ***ଉତ୍କଳ ଦୀପିକାର ଦୀପ୍ତ ଭୂମିକା***

*ଘୁମୁସର ପତ୍ର* ରୂପେ ଉପସ୍ଥାପିତ ଏହି ବିବୃତ୍ତିଟିକୁ *ଉତ୍କଳ ଦୀପିକା* କେବଳ ପ୍ରକାଶ କରିଥିଲା, ତା ନୁହେଁ ; ଏହା ସେଦିନ ଏହି ବିବୃତ୍ତିକୁ ପୂର୍ଣ୍ଣତଃ ସମର୍ଥନ କରି ନିଜର ସଂପାଦକୀୟ ଅଭିମତ ବି ରଖିଥିଲା । ତାହା ଥିଲା ଏହିପରି :

> "ଅଦ୍ୟ ଦିବସର ଅତିରିକ୍ତ ପତ୍ରିକାରେ ଘୁମୁସରରୁ ଆସିଥିବା ଖଣ୍ଡିଏ ପତ୍ର ମୁଦ୍ରିତ କରି ପାଠକମାନଙ୍କୁ ଅନୁରୋଧ କରୁଅଛୁଁ କି ସେମାନେ ମନଯୋଗପୂର୍ବକ ତାହା ପାଠ କରିବେ । ଉତ୍କଳ ଦେଶ ହିତ ଚିନ୍ତାରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ଏ ବିଷୟରେ ବିଶେଷ ଉଦ୍‌ଯୋଗୀ ହେବାର ଆବଶ୍ୟକ । ଘୁମୁସରବାସୀମାନେ ଯାହା ପ୍ରାର୍ଥନା କରନ୍ତି ତାହା ଯେ

ସର୍ବତୋଭାବେ ଯୁକ୍ତିଯୁକ୍ତ ଓ ବହୁ ଉପକାରମୂଳକ ଅଟଇ ଏକଥାରେ ଅଣୁମାତ୍ର ସନ୍ଦେହ ନାହିଁ । ଓଡ଼ିଶାର ଦୁରବସ୍ଥା ଯେଉଁମାନେ ଜାଣନ୍ତି ଓ ତହିଁର କାରଣ ଅନୁସନ୍ଧାନ କରନ୍ତି ସେମାନେ ଅବଶ୍ୟ ଅବଗତ ହୋଇଥିବେ ଯେ ଏ ଦେଶ ତିନିଖଣ୍ଡ ହୋଇ ତିନି ଶାସନକର୍ତ୍ତାଙ୍କ ଅଧୀନରେ ରହିବାରୁ ଏହାର ଉନ୍ନତି ହେଉନାହିଁ । ଏକ ଖଣ୍ଡ ବଙ୍ଗଳା ଗଭର୍ଣ୍ଣମେଣ୍ଟ, ଏକ ଖଣ୍ଡ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଓ ଅପର ଏକ ଖଣ୍ଡ ମଧ୍ୟ ପ୍ରଦେଶର ଚିଫ୍ କମିସ୍ନରଙ୍କ ଶାସନରେ ରହିବାରୁ ଏ ଦେଶ ସମୁଦାୟ ଏକ ହୋଇ ଚଳିପାରେ ନାହିଁ । ମାତ୍ର ଏପ୍ରକାର ଅବସ୍ଥାରେ ଥିଲେ ମଧ୍ୟ ଗଭର୍ଣ୍ଣମେଣ୍ଟ ଗୋଟିଏ କଥାରେ ଦୃଷ୍ଟି ରଖିଥିବାରୁ ଅନେକ ମଙ୍ଗଳ ହେଉଅଛି । ବଙ୍ଗଳା ଓ ମଧ୍ୟ ପ୍ରଦେଶର ଅଧୀନରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ସମସ୍ତ ସରକାରୀ କାର୍ଯାଳୟରେ ଓଡ଼ିଆ ଭାଷା ପ୍ରଚାର ଅଛି ଓ ସ୍ୱାର୍ଥପର ଲୋକେ କେତେ ଉପାୟ କଲେହେଁ ଗଭର୍ଣ୍ଣମେଣ୍ଟ ଏ ଯୁକ୍ତିଯୁକ୍ତ ନ୍ୟାୟର ବିରୁଦ୍ଧ କାର୍ଯ୍ୟ କରିବାକୁ ସମ୍ମତ ହୋଇନାହାନ୍ତି । ଯେବେ ବଙ୍ଗଳା ଓ ମଧ୍ୟ ପ୍ରଦେଶରେ ଏପରି ହେଲା ତେବେ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଅନ୍ତର୍ଗତ ଓଡ଼ିଶାରେ କାହିଁକି ଓଡ଼ିଆଭାଷାରେ ସରକାରୀ କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟ ନ ଚଳିବ ? ଓ, ଯେ ସ୍ଥଳେ ପୂର୍ବରେ ସେ ଭାଗର ରାଜକାର୍ଯ୍ୟ ଓଡ଼ିଆ ଭାଷାରେ ହୋଇ ଆସୁଥିଲା ତେବେ ଇଂରାଜ ଗଭର୍ଣ୍ଣମେଣ୍ଟ କାହିଁକି ଭିନ୍ନ ରୂପ ଆଚରଣ କରିବ ? ଆମମାନଙ୍କୁ ନିଶ୍ଚୟ ବୋଧ

ହେଉଅଛି ଯେ ଉତ୍କଳବାସୀମାନେ ଏ ବିଷୟରେ ଏକମତ ହୋଇ ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ କଲେ ତାହାଙ୍କର ପ୍ରାର୍ଥନା ସଫଳ ହେବ । ବିଦେଶୀୟ ଭାଷାରେ କାର୍ଯ୍ୟାଳୟର ଯାବତୀୟ କାର୍ଯ୍ୟ ଚଳିବା କଦାଚ ଗଭର୍ଣ୍ଣମେଣ୍ଟଙ୍କ ଅନୁମୋଦିତ ନୁହଇ । କେବଳ ଘୁମୁସରବାସୀମାନେ ଏତେଦିନ ଯତ୍ନ କରି ନାହାନ୍ତି ବୋଲି ତାହାଙ୍କର ଦୁଃଖ ଶୁଣା ଯାଇନାହିଁ । ଏବେ ସେମାନେ ସମସ୍ତ ଉତ୍କଳବାସୀଙ୍କଠାରେ ଏକଥା ଜଣାଇଲେ । ଏଥକୁ ଆବଶ୍ୟକ ଯେ, ପୁରୀ, କଟକ ଓ ବାଲେଶ୍ୱରରେ ଥିବା ସମସ୍ତ ଉତ୍କଳୀୟ ତାହାଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୁଅନ୍ତୁ ଓ ଆମ୍ଭେମାନେ ଭରସା କରୁଁ ଯେ ଉତ୍କଳୋଲ୍ଲାସିନୀ ସଭା ବିଶେଷ ଆଗ୍ରହ ପୂର୍ବକ ଏ ବିଷୟରେ ହସ୍ତକ୍ଷେପ କରନ୍ତୁ ।" (ଉତ୍କଳ ଦୀପିକା, ଭାଗ ୫, ସଂଖ୍ୟା ୪୧, ତାରିଖ ୨୨ ।୧୦ ।୧୮୭୦)

ଏହି ସଂପାଦକୀୟରୁ ଏ କଥା ସ୍ପଷ୍ଟ ହୋଇଯାଉଛି ଯେ. ଉତ୍କଳୋଲ୍ଲାସିନୀ ସଭାର ଉପସ୍ଥିତି ସତ୍ତ୍ୱେ ଘୁମୁସରବାସୀମାନେ ନିଜର ମଞ୍ଚ ଭାବେ ତାହାକୁ ଗ୍ରହଣ ନ କରି *ଉତ୍କଳ ଦୀପିକା*କୁ ହିଁ ଗ୍ରହଣ କରିଥିଲେ, ସତେ ଯେମିତି ଏହି ସମ୍ବାଦପତ୍ର ହିଁ ଥିଲା ଜନସାଧାରଣଙ୍କ ମତ ବିନିମୟର ଓ ମତ ଗଠନର ମଞ୍ଚ ।

ଏପରି ହେବାର ମଧ୍ୟ କାରଣ ଥିଲା । ଓଡ଼ିଆ ଅଞ୍ଚଳରେ ଥିବା ସରକାରୀ ଦପ୍ତରମାନଙ୍କରେ ତେଲେଙ୍ଗୀ ଭାଷାକୁ ରାଜଭାଷା ଭାବେ ଜାରି କରିବା ଓ ତେଲେଙ୍ଗାମାନଙ୍କୁ ରଜକର୍ମଚାରୀ ଭାବେ ମୁକରିର କରି ଓଡ଼ିଆମାନଙ୍କୁ ସେମାନଙ୍କ ପଦପଦବୀରୁ ଉତ୍‌ଖାତ କରିବାର ଯଥାର୍ଥ୍ୟ ଦର୍ଶାଇ ବିଲାତି ହାକିମମାନେ ଲେଖିଥିଲେ,

"The Uriyas are unintelligent, lazy and

unenterprising men as compared with other inhabitants of Madras presidency. .......The Telugus are more enterprising and pushing than the Uriyas."

(Ganjam District Manual, pp.205-206)

ଉତ୍କଳୋଲ୍ଲାସିନୀ ସଭା ଏହା ବିରୁଦ୍ଧରେ କୌଣସି ପ୍ରତ୍ୟୟାତ୍ମକ ପଦକ୍ଷେପ ନେଇ ପାରିନଥିଲା ବେଳେ ଦିନବନ୍ଧୁ ପଟ୍ଟନାୟକଙ୍କ ଆହୁତ ଘୁମୁସର ସଭା ଏହି ବିଲାତି ମନ୍ତବ୍ୟକୁ ଦୃଢ଼ଭାବେ ପ୍ରତ୍ୟାଖ୍ୟାନ କରି ପ୍ରଶ୍ନ କରିଥିଲା,

" ଯେବେ ଏ ଦେଶୀୟ ଓଡ଼ିଆ ଲୋକଙ୍କ ହାତେ ସରକାରୀ କର୍ମ ହେଉନାହିଁ ତେବେ ........... ସରକାର ସ୍ୱାଧୀନ ହେବା ସମୟରେ ବାଲାଜୀ ପଟ୍ଟନାୟକ ଓ ବଳଭଦ୍ର ପଟ୍ଟନାୟକ ଓ ନିଧି ପଟ୍ଟନାୟକ ଓଗେର ସରକାରୀ କର୍ମରେ ମୁକରିର ହୋଇ ଅନ୍ଦାଜ ୨୦ ବର୍ଷ ପର୍ଯ୍ୟନ୍ତ କି ପ୍ରକାରେ କର୍ମ କରୁଥିଲେ ଆଉ କନ୍ଧମାନେ ନିବାସ କରୁଥିବା ମାଳ ପ୍ରଦେଶରେ କି ପ୍ରକାରେ ପୂର୍ବରେ ଓଡ଼ିଆ ଲୋକେ ଅର୍ଥାତ୍ ମହାନ୍ତି ହରିବନ୍ଧୁ ପଟ୍ଟନାୟକ ଓ ଶ୍ରୀହର୍ଷ ପଟ୍ଟନାୟକ ଓ ବାଲାଜୀ ପଟ୍ଟନାୟକ ଓ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ସାମନ୍ତ ବିନାୟକ ସିଂହ ଓ ସୁନ୍ଦର ସିଂହ ଓ ଗୋପ ସିଂହ ଓଗେର ........... ସରକାରୀ କର୍ମ କରି ଯଶ ଲଭିଅଛନ୍ତି ? ବର୍ତ୍ତମାନ ଘୁମୁସରନିବାସୀ ଶ୍ରୀଯୁକ୍ତ ବାବୁ ଦିନବନ୍ଧୁ ପଟ୍ଟନାୟକ ଓ ବୃନ୍ଦାବନ ବିଶୋଇ ଓ ବୈଦ୍ୟନାଥ ପଟ୍ଟନାୟକ ଓ ଚୈତନ୍ୟ ସିଂହ ଓଗେର କି ପ୍ରକାରେ ସରକାରୀ କର୍ମ କରି ଯଶସ୍ୱୀ ହୋଇଅଛନ୍ତି ?"

ଏବଂ, ଏଥିପୂର୍ବରୁ ଆମେ ଦେଖିଛେଁ, *ଉତ୍କଳ ଦୀପିକା* ହିଁ ଘୁମୁସରବାସୀଙ୍କ ଏହି ଶାଣୀତ ପ୍ରତିକ୍ରିୟାକୁ ନିଜ ସଂପାଦକୀୟ ଦ୍ୱାରା ସମର୍ଥନ କରି ସ୍ୱତନ୍ତ୍ର ଗୁରୁତ୍ୱର ସହ ପ୍ରକାଶ କରିଥିଲା ।

*ଉତ୍କଳ ଦୀପିକା*ର ସକ୍ରିୟ ସହଯୋଗ ଏବଂ ଗଞ୍ଜାମ ଜିଲ୍ଲାବାସୀଙ୍କ କ୍ରମାଗତ ଦାବି ଫଳରେ ୧୮୭୨ରେ ବ୍ରିଟିଶ୍ ସରକାର ସ୍ୱୀକାର କଲା ଯେ ତେଲେଙ୍ଗା ଭାଷାରେ ଓଡ଼ିଆ ଲୋକମାନଙ୍କ ଅର୍ଜି ଓଗେର ଲେଖା ହେଉଥିବାରୁ ସେମାନଙ୍କର ଅସୁବିଧା ହେଉଛି । ସୁତରାଂ କୋର୍ଟ କଚେରୀରେ ଓଡ଼ିଆ ଭାଷା ପ୍ରବର୍ତ୍ତନ ପାଇଁ ଏହା ଆପାତତଃ ରାଜିହୋଇଥିଲା । ମାତ୍ର ଦାପ୍ତରୀକ ସୁବିଧା ଉପଭୋଗ କରିଚାଲିଥିବା ତେଲୁଗୁ ଅମଲାମାନେ ଏହାକୁ ଭଣ୍ଡୁର କରିଦେଇଥିଲେ ।

ଅବସ୍ଥା ଏପରି ସଙ୍ଗୀନ ହୋଇଉଠିଥିଲା ଯେ ଗଞ୍ଜାମର କରଣମାନେ ତେଲେଙ୍ଗା ଭାଷା ଆୟତ୍ତ କରିବାକୁ ବାଧ୍ୟ ହୋଇପଡ଼ିଥିଲେ । ନିଜ ଭାଷାଭାଷୀ ଓଡ଼ିଆ ଭାଇଭଉଣୀମାନଙ୍କୁ ଆଇନ ଅଦାଲତରେ ହେଉ ବା ଜମିଜମା ବନ୍ଦୋବସ୍ତରେ ହେଉ ସାହାଯ୍ୟ କରିବାପାଇଁ ଏହାହିଁ ଥିଲା ଏକମାତ୍ର ଉପାୟ । ଏକଥା ପରୋକ୍ଷରେ ସ୍ୱୀକାର କରି ବିଲାତି ସରକାରଙ୍କ ଆଫିସୀୟ ଦସ୍ତାବିଜ୍ ଲିପିବଦ୍ଧ କରିଛି,

> "Sisti Karans, originally Oriyas, adopted Telugu language when Southern areas were lost to Oriyas" (Koraput Gazet teer, p.85)

## ନେତୃତ୍ୱରେ ଗଣମାଧ୍ୟମ

ବ୍ରିଟିଶ୍-ତେଲୁଗୁ ଅସାଧୁ ମେଣ୍ଟ ଓଡ଼ିଆମାନଙ୍କ ଉପରେ ଚଳାଇଥିବା ଅତ୍ୟାଚାର ଦିନୁଁଦିନ ବ୍ୟାପକତର ହେବାରେ ଲାଗିଥିଲା । ଏହି ମେଣ୍ଟର ଚାପରେ ଧୀରେ ଧୀରେ ଗଞ୍ଜାମ ଜିଲ୍ଲାର ଜମିଦାରମାନେ ମଧ୍ୟ ତେଲେଙ୍ଗାମାନଙ୍କୁ ବିଭିନ୍ନ ପଦାଧିକାର ଦେବାକୁ ବାଧ୍ୟ ହେଉଥିଲେ ଏବଂ ତଦ୍ଦ୍ୱାରା ଓଡ଼ିଆ ଲୋକେ ଠେଲି ହୋଇ ଚାଲିଥିଲେ ବେକାରୀର

ଅତଳ ଗହ୍ୱରକୁ । ଏହି ଦାରୁଣ ଦୁର୍ଦ୍ଦିନରେ ଗଣମାଧ୍ୟମ ହିଁ ଓଡ଼ିଆ ଲୋକଙ୍କୁ ନେତୃତ୍ୱ ଦେଇଥିଲା । ଉଦୀୟମାନ ସାମ୍ବାଦିକ ୱିଲିୟମ୍ ମହାନ୍ତି ଗଞ୍ଜାମ ଜିଲ୍ଲାର ଜମିଦାରମାନଙ୍କ ତେଲେଙ୍ଗା ନିଯୁକ୍ତି ବିରୁଦ୍ଧରେ ଜନ-ଅଭିଯାନ ଆରମ୍ଭ କଲେ । *ଖାଣ୍ଟି ଓଡ଼ିଆ ଅଞ୍ଚଳ ଗଞ୍ଜାମରେ ତେଲେଙ୍ଗା ଭାଷାର ହାକିମାତିକୁ ବରଦାସ୍ତ କରାଯିବନାହିଁ* ବୋଲି ବଜ୍ରକଣ୍ଠରେ ଘୋଷଣା କଲେ ୱିଲିୟମ୍ ଏବଂ ତାହା ନିନାଦିତ ହୋଇଉଠିଲା ୨୯ ।୭ ।୧୮୭୩ରେ ବ୍ରହ୍ମପୁର ଜିଲ୍ଲା ପାଠଶାଳାରେ ତାଙ୍କ ପ୍ରଚେଷ୍ଟାରେ ସଂଗଠିତ ଓ ଆହୁତ *ଉତ୍କଳ ହିତବାଦିନୀ ସମାଜର* ନିର୍ଘୋଷେ ନିର୍ଘୋଷେ ।

*ଜମିଦାରମାନେ ଦପ୍ତର ସମ୍ଭାଳିବାପାଇଁ ଓଡ଼ିଆ ଲୋକମାନଙ୍କୁ ଯଦି ଉପଯୁକ୍ତ ଶିକ୍ଷା ଦିଆଇ ନ ପାରନ୍ତି ତେବେ ସେମାନେ ଗାଦୀ ଛାଡ଼ନ୍ତୁ* ବୋଲି ଆହ୍ୱାନ ଦେଲା *ଉତ୍କଳ ଦୀପିକା* । ୩୦ ।୮ ।୧୮୭୩ରେ ଏହି ଆହ୍ୱାନ ମନ୍ଦ୍ରିତ ହୋଇଉଠିଥିଲା ତାର ସଂପାଦକୀୟରେ । ତାହା ଥିଲା ଏହିପରି :

> "ଯେବେ ଉତ୍କଳୀୟ(ଜମିଦାର)ମାନେ ସ୍ୱଦେଶୀୟ ଲୋକଙ୍କୁ ତଡ଼ି ବିଦେଶୀୟ ଲୋକଙ୍କୁ ଲୋଡ଼ିବେ ତେବେ ତାହାଙ୍କ ଦ୍ୱାରା ସ୍ୱଦେଶର ଉନ୍ନତି ହେବା ତେଣିକି ଥାଉ, ଦିନୁଁଦିନ ଓଡ଼ିଆଙ୍କର ଦୁର୍ଗତିର ସୀମା ରହିବ ନାହିଁ । ତେବେ ଜମିଦାରମାନେ ଏମନ୍ତ ବୋଲିପାରନ୍ତି ଯେ, ଓଡ଼ିଆମାନେ ତେତେ଼ ଉପଯୁକ୍ତ ହେଉନାହାନ୍ତି ବୋଲି ସେମାନେ ବିଦେଶୀଙ୍କ ସାହାଯ୍ୟ ନେଉଅଛନ୍ତି । ମାତ୍ର ତାହାଙ୍କୁ ବିବେଚନା କରିବାର ଉଚିତ ଯେ, ଏଥିରେ ସୁଦ୍ଧା ସେମାନେ ଦୋଷୀ ଅଟନ୍ତି । ଆପଣା ପୁତ୍ର କି ଭାଇକୁ ତ୍ୟାଗ କରି କିଏ ପରକୁ ଅଧିକାରୀ କରିବାକୁ ସୁଖପାଏ ? ସେମାନେ ଯେମନ୍ତ ଧନଶାଳୀ ଅଛନ୍ତି ଯେବେ ଚେଷ୍ଟା କରିବେ , ଓଡ଼ିଆମାନେ ଅବଶ୍ୟ ଶିକ୍ଷା ପାଇ କାର୍ଯ୍ୟକ୍ଷମ ହେବେ । ଯେବେ ତାହା ନ କରିବେ ତେବେ ତାହାଙ୍କଠାରୁ ଯେଉଁମାନେ ଅଧିକ କାର୍ଯ୍ୟକ୍ଷମ

> ତାହାଙ୍କୁ ରାଜ୍ୟ ଛାଡ଼ିଦେଇ ଅଲଗା ହୋଇ ରହନ୍ତୁ । ତେବେ ତାହାଙ୍କର ଅପକ୍ଷପାତିତାର ଯଥାର୍ଥ ପରିଚୟ ପ୍ରାପ୍ତ ହେବ ।"

*ଉତ୍କଳ ଦୀପିକା*ର ଏହି କଠିନ କଣ୍ଠ ପ୍ରଭାବରେ ବିଲାତି ସରକାର ବାଧ୍ୟ ହୋଇଥିଲା ଓଡ଼ିଆ ଭାଷାର ଦାପ୍ତରୀକ ବ୍ୟବହାର ପାଇଁ । ଫଳରେ ୨୪ ।୧ ।୧୮୭୪ ତାରିଖରେ ଗଞ୍ଜାମ ଗେଜେଟ୍‌ରେ ପ୍ରକାଶ କରାଗଲା, ଓଡ଼ିଆମାନେ ଓଡ଼ିଆ ଲିପିରେ କାଗଜପତ୍ର ଦାଖଲ କରିବାରେ ଆପତ୍ତି ନାହିଁ । କିନ୍ତୁ ଏହି ସିଦ୍ଧାନ୍ତକୁ କାବୁକରି ରଖିଲା ପରି ବ୍ୟବସ୍ଥା ମଧ୍ୟ ତହିଁରେ ଖଞ୍ଜା ହୋଇଥିଲା । ଓଡ଼ିଆ ଲିପିରେ କାଗଜପତ୍ର ଦାଖଲ କଲେ ଜବାବ ମିଳିବା ବିଳମ୍ବ ହେବ ବୋଲି ଘୋଷଣା କରାଯାଇ କୁହା ହୋଇଥିଲା, ଓଡ଼ିଆ ଭାଷା ତେଲେଙ୍ଗୀ ଲିପିରେ ବା ଇଂରାଜୀ ଲିପିରେ ଲେଖିଲେ ବେଗରେ ଜବାବ ମିଳି ପାରିବ ।

ଏହି ଷଡ଼ଯନ୍ତ୍ରର ନିରବଦ୍ରଷ୍ଟା ହୋଇ ନ ରହି, *ଏହା ବିରୁଦ୍ଧରେ ଏକମେଳ ହେବାକୁ ଉତ୍କଳ ଦୀପିକା* ବଜ୍ରକଣ୍ଠରେ ଆହ୍ୱାନ ଦେଇଥିଲା ସମଗ୍ର ଓଡ଼ିଆ ଜାତିକୁ । ୮ ।୪ ।୧୮୭୪ରେ *ଗଞ୍ଜାମରେ ଓଡ଼ିଆ ଭାଷା* ଶୀର୍ଷକ ସଂପାଦକୀୟରେ ଏହା ଲେଖିଥିଲା ,

> "ଓଡ଼ିଆ-ବଙ୍ଗଳା ଘେନି ଯେ ସମସ୍ତ କଥା ଓଡ଼ିଶାରେ ହୋଇଥିଲା ଗଞ୍ଜାମ ଜିଲ୍ଲାରେ ସେ ସମସ୍ତ ଅବିକଳ ଘଟିବାର ଦେଖାଯାଏ । ଏଠାରେ ବଙ୍ଗଳା ଅକ୍ଷରରେ ଓଡ଼ିଆ ଭାଷା ଲେଖିବାର ପ୍ରସ୍ତାବ ହୋଇଥିଲା, ସେଠାରେ ତେଲେଙ୍ଗା ଅକ୍ଷରରେ ଲେଖିବାର କଥା ହୋଇଅଛି । ପ୍ରଭେଦ ଏତିକି ଯେ, ଓଡ଼ିଶାରେ କେତେକ ସ୍ୱାର୍ଥପର ବ୍ୟକ୍ତି ଏ ରୂପ ପ୍ରସ୍ତାବ କରିଥିଲେ , ମାତ୍ର ଗଞ୍ଜାମରେ ତାହା ଗେଜେଟ୍‌ରେ ପ୍ରକାଶ କରାଯାଇ ବିଧିବଦ୍ଧ ହୋଇଅଛି । ଉକ୍ତ ଘୋଷଣାର ପ୍ରକୃତ ଉଦ୍ଦେଶ୍ୟ ଯେ ପ୍ରକାରାନ୍ତରେ ଓଡ଼ିଆଭାଷା ଉଠାଇ ଦେବା ତହିଁରେ କିଛି ସନ୍ଦେହ ନାହିଁ ।

ଗଭର୍ଣ୍ଣମେଣ୍ଟ ଯେ ସ୍ଥଳେ ଓଡ଼ିଆ ଭାଷା କଚେରୀରେ ପ୍ରଚଳିତ କରିଅଛନ୍ତି ସେ ସ୍ଥଳେ କୌଣସି କର୍ମଚାରୀ ପକ୍ଷରେ ଏ ରୂପ ବିରୋଧଜନକ ଚେଷ୍ଟା ଅତି ଦୂଷଣୀୟ ଅଟଇ ।

ତେଲେଙ୍ଗାମାନେ ବିସ୍ତର ଗଞ୍ଜାମ ଜିଲ୍ଲାର କଚେରୀ ସବୁରେ କର୍ମ କରନ୍ତି । ସେମାନେ ଓଡ଼ିଆ ଜାଣନ୍ତି ନାହିଁ କିମ୍ବା ଶିଖିବାକୁ ଚେଷ୍ଟା କରନ୍ତି ନାହିଁ ବୋଲି ଅବା ଏରୂପ ପରାମର୍ଶ ଉଚ୍ଚ କର୍ମଚାରୀଙ୍କୁ ଦେଇଥିବେ । କିନ୍ତୁ ଉକ୍ତ କର୍ମଚାରୀଙ୍କର ବିଚାର କରିବାର ଉଚିତ ଯେ, ପ୍ରଜାଙ୍କ ହିତ ସକାଶେ ଏ ଆଜ୍ଞା ହୋଇଅଛି । ଅମଲାଙ୍କ ସକାଶେ ନୁହଇ । .................

ଗଞ୍ଜାମ ଜିଲ୍ଲାର କଚେରୀମାନଙ୍କରେ ଓଡ଼ିଆ ଭାଷାରେ ଲେଖାପଢ଼ି କରିବା ବ୍ୟକ୍ତିଙ୍କୁ ନିଯୁକ୍ତ କରିବା ଉଚିତ ଓ ଯେବେ ସ୍ଥାନୀୟ କର୍ମଚାରୀମାନେ ତାହା କରିବାକୁ ଇଚ୍ଛାକରନ୍ତି ନାହିଁ ତେବେ ସେଠିକା ଲୋକମାନଙ୍କର ଉଚିତ ଯେ, *ଏକମେଳ ହୋଇ* , ସଦ୍‌ଯୁକ୍ତି ପ୍ରଦର୍ଶନ ପୂର୍ବକ ମାନ୍ଦ୍ରାଜ ଗଭର୍ଣ୍ଣମେଣ୍ଟ ଓ ଇଣ୍ଡିୟା ଗଭର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାନ୍ତୁ । ତା ହେଲେ ଅବଶ୍ୟ ଏ ଆଜ୍ଞା ରହିତ ହୋଇଯିବ ।"

**ଏହା ହିଁ ଥିଲା ବସ୍ତୁତଃ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ଜନ ଆନ୍ଦୋଳନ (ମେଳି) ସକାଶେ ପ୍ରଥମ ଶକ୍ତିଶାଳୀ ଓ ସ୍ପଷ୍ଟ ଆହ୍ୱାନ ।**

*ଉତ୍କଳ ଦୀପିକା*ର ପରିପୂରକ ଭାବେ ପ୍ରକାଶ ପାଇଲା ତ୍ରୈମାସିକ *ସ୍ୱଦେଶୀ* ୧୮୭୬ରେ ଓ *ବାର୍ତ୍ତା ଲହରୀ* ୧୮୭୭ରେ ବ୍ରହ୍ମପୁର ସହରରୁ । ପୂର୍ବ ସୂଚିତ ୱିଲିୟମ୍ ମହାନ୍ତି ଏହି ଉଭୟର ଥିଲେ ପ୍ରତିଷ୍ଠାତା ଓ ସଂପାଦକ । ଓଡ଼ିଆ ସ୍ୱାର୍ଥରକ୍ଷାପାଇଁ ମହାନ୍ତି

ଏତେ କୃତସଂକଳ୍ପ ଥିଲେ ଯେ ସେ ଇଚ୍ଛାକରି ତ୍ରୈଭାଷିକ ପତ୍ରିକା ପ୍ରକାଶ କରିବାର ଗୁରୁଭାର ବରଣ କରି ନେଇଥିଲେ । ଓଡ଼ିଆ , ତେଲୁଗୁ ଓ ଇଂରାଜୀ -ଏ ତିନି ଭାଷାରେ ପତ୍ରିକା ପ୍ରକାଶ କରି ସେ ଓଡ଼ିଆମାନଙ୍କ ଭିତରେ ଭାଷା ଆନ୍ଦୋଳନ ପାଇଁ ସଚେତନତା ଜାଗ୍ରତ କରାଇବାକୁ ତେଲୁଗୁଭାଷୀଙ୍କ ଚକ୍ରାନ୍ତର ଯେଉଁ ବିବରଣୀ ଓଡ଼ିଆ ଭାଷାରେ ରଖୁଥିଲେ ତହିଁର ଅବିକଳ ଅନୁବାଦ ତେଲୁଗୁ ଭାଷାରେ ରଖି ତୈଲଙ୍ଗୀମାନଙ୍କୁ ତହିଁର ସମ୍ମୁଖୀନ କରାଉଥିଲେ ଓ ଇଂରାଜୀ ଭଷାରେ ରଖି ବିଲାତି ଶାସକବର୍ଗଙ୍କୁ ସେହି ସତ୍ୟ ଅବଗତ କରାଉଥିଲେ । ଜାତିପ୍ରେମ କେତେ ନିରନ୍ଧ୍ର ହୋଇଥିଲେ ଏହା ସମ୍ଭବ ତାହା ଏବେ କଳନା କରି ହେବ ନାହିଁ ।

*ଉତ୍କଳ ଦୀପିକା , ସ୍ୱଦେଶୀ ଓ ବାର୍ତ୍ତା ଲହରୀ* - ଏହି ତିନିଗୋଟି ପତ୍ରିକାର ପ୍ରବଳ ସ୍ୱର ପାଖରେ ମଥା ନୁଆଇଁ ଏବଂ ଘୁମୁସରରୁ ଆରମ୍ଭ ହୋଇ ସମଗ୍ର ଗଞ୍ଜାମ ଜିଲ୍ଲାରେ ପ୍ରଖର ହୋଇଉଠିଥିବା ଜନ-ଆନ୍ଦୋଳନ ପାଖରେ ହାର ମାନି ଭାଷା ଆନ୍ଦୋଳନର ଜନ୍ମଭୂମି ଘୁମୁସରରେ ଥିବା ସମସ୍ତ ସରକାରୀ ଅଫିସ ତଥା କୋର୍ଟ କଚେରୀମାନଙ୍କରେ କେବଳ ଓଡ଼ିଆ ଭାଷାରେ ହିଁ ରାଜକାର୍ଯ୍ୟ ଚାଲିବାକୁ ଓ ଗଞ୍ଜାମ ଜିଲ୍ଲାର ଅନ୍ୟ ଅଞ୍ଚଳଗୁଡ଼ିକରେ ତେଲେଙ୍ଗା ଭାଷା ଚାଲି ରହିଲେ ମଧ୍ୟ ସମତାଳରେ ଓଡ଼ିଆ ଭାଷା ଚାଲିବ ବୋଲି ମାନ୍ଦ୍ରାଜ ସରକାର ୧ ।୮ ।୧୮୯୦ ତାରିଖରେ ଆଦେଶ ଜାରି କରିବାକୁ ବାଧ୍ୟ ହେଲେ ।

ସୁତରାଂ ଏହାହିଁ କୁହାଯାଇପାରେ ଯେ ଓଡ଼ିଆ ଭାଷା ଆନ୍ଦୋଳନର ଜନ୍ମଦାତା ଦିନବନ୍ଧୁ ପଟ୍ଟନାୟକ ଓ ଘୁମୁସର ନିବାସୀ ତାଙ୍କ ସାଥିମାନଙ୍କର ଏହା ଚୁଡ଼ାନ୍ତ ବିଜୟ ହୋଇଥିଲେ ମଧ୍ୟ ମାନ୍ଦ୍ରାଜ ସରକାରଙ୍କ ଅଧୀନରେ ଅଭିସନ୍ଧିମୂଳକଭାବେ ରଖାଯାଇଥିବା ଓଡ଼ିଆ ଭୂଖଣ୍ଡରେ ଓଡ଼ିଆକୁ ସରକାରୀ ଭାଷାରୂପେ ପୁନଃ ପ୍ରଚଳିତ କରାଇବାରେ *ଉତ୍କଳ ଦୀପିକା* ଓ ତାର ସ୍ୱତ୍ୱାଧିକାରୀ ସଂପାଦକ ଗୌରୀଶଙ୍କର ରାୟ ତଥା *ସ୍ୱଦେଶୀ* ଓ *ବାର୍ତ୍ତା ଲହରୀ* ଏବଂ ସେଗୁଡ଼ିକର ସ୍ୱତ୍ୱାଧିକାରୀ ସଂପାଦକ ୱିଲିୟମ୍ ମହାନ୍ତି ହିଁ ଥିଲେ ବାସ୍ତବ ବିଧାଣୀ ।

## ପଶ୍ଚିମ ଓଡ଼ିଶା : ବିପ୍ଳବୀ ଭୂମିକାରେ ହିତୈଷିଣୀ

ଏ ତ ଗଲା ମାନ୍ଦ୍ରାଜ ଅଧୀନରେ ରଖାହୋଇଥିବା ଓଡ଼ିଆ ଭୂଖଣ୍ଡର କଥା । ମଧ୍ୟ ପ୍ରଦେଶ ଅଧୀନକୁ ଠେଲିଦିଆଯାଇଥିବା ସମ୍ବଲପୁର ଓ ତନ୍ନିକଟ ଗଡ଼ଜାତଗୁଡ଼ିକର ଅବସ୍ଥା କିପରି ଥିଲା ତାହା ଏବେ ଦେଖାଯାଉ ।

ମଧ୍ୟପ୍ରଦେଶର ଚିଫ୍ କମିସନର୍ ଥିବା ଉଡ୍‌ବର୍ଣ୍ଣ (Sir John Woodburne) ୧୫ ।୧ ।୧୮୯୫ ତାରିଖରେ ଆଦେଶ ଜାରି କଲେ ଯେ ଓଡ଼ିଆ ଭାଷା କୋର୍ଟ କଚେରୀରେ ଆଉ ଚଳିବ ନାହିଁ । ହିନ୍ଦୀ ଭାଷା ହିଁ ସ୍କୁଲ୍‌ମାନଙ୍କରେ ଶିକ୍ଷା ଦିଆଯିବ । ଫଳରେ ମଧ୍ୟ ପ୍ରଦେଶରେ ସଂଖ୍ୟାଲଘୁ ସ୍ତରକୁ ଖସି, ସଂଖ୍ୟାଗରିଷ୍ଠ ହିନ୍ଦୀଭାଷୀଙ୍କ ହାତରେ ପୂର୍ବରୁ ନିର୍ଯ୍ୟାତିତ ହୋଇଆସୁଥିବା ଓଡ଼ିଆମାନଙ୍କ ଦୁର୍ଦ୍ଦଶା ବଢ଼ିଗଲା । କିନ୍ତୁ ବିଲାତି ସରକାରଙ୍କ ପ୍ରିୟପାତ୍ର ହୋଇ ରହିବାକୁ ବ୍ୟାକୁଳ ଥିବା ସେ ଅଞ୍ଚଳ ଅନ୍ତର୍ଗତ ବାମଣ୍ଡା, ବଲାଙ୍ଗୀର, କଳାହାଣ୍ଡି, ସୁବର୍ଣ୍ଣପୁର, ବରପଲ୍ଲି ଆଦି ରାଜ୍ୟର ରଜା ଜମିଦାରମାନେ ଓଡ଼ିଆ ଜାତିର ଏହି ଚରମ ଦୁର୍ଦ୍ଦିନରେ ପ୍ରତିବାଦ କରିବା ପରିବର୍ତ୍ତେ ମଉଜ ମଜଲିସ୍‌ରେ ମାତିଥିଲେ ଓ ସବୁ ଦେଖି କିଛି ନ ଦେଖିଲା ପରି ରହିଥିଲେ ।

ସ୍ୱଭାବ କବି ଗଙ୍ଗାଧର ମେହେର *ଉତ୍କଳ ଭାରତୀଙ୍କ ନିବେଦନ* ଶୀର୍ଷକ ଏକ କବିତା ମାଧ୍ୟମରେ ଜଣାଇଥିଲେ ଏହାର ତୀବ୍ର ପ୍ରତିବାଦ । ବାମଣ୍ଡା ରାଜା ସାର୍ ବାସୁଦେବ ସୁଢ଼ଳ ଦେବ *ସମ୍ବଲପୁର ହିତୈଷିଣୀ* ନାମକ ଯେଉଁ ପତ୍ରିକା ପ୍ରକାଶ କରୁଥିଲେ ସେହି ପତ୍ରିକା ହିଁ ଏହି ପ୍ରତିବାଦ ସଂପ୍ରସାରଣର ମୁଖ୍ୟ ଆୟୁଧ ହୋଇ ଉଭା ହେଲା । ତହିଁର ୫ ।୩ ।୧୮୯୫ ସଂସ୍କରଣରେ ଉତ୍କଳ ଭାରତୀଙ୍କ କଣ୍ଠରେ ମେହେର ଯେଉଁ କଟୁ ସମାଲୋଚନା କରିଥିଲେ ସେହି ରାଜାରାଜୁଡ଼ାଙ୍କୁ , ତାହା ଦେଖାଯାଉ । ବଲାଙ୍ଗୀର ରାଜାଙ୍କୁ ଭର୍ତ୍ସନା କରି ସେ ଲେଖିଥିଲେ,

"ରାମଚନ୍ଦ୍ର ଦେବ ପାଟଣା ମହୀମଣ୍ଡଳେ ଶୂର
ବାଘ ମାରିବାକୁ ବୁଲୁଛ ବଣେ ନିଶି ବାସର ।
ଗୁହାଳରେ ପଶି ଶୃଗାଳ ଖାଇଯାଉଛି ଗାଈ
ଏ ଆଡ଼କୁ କିଂପା ତୁମର କିଛି ନଜର ନାଇଁ ?

ଏ ଗାଈଟି ମଲେ ମିଳିବ ନାହିଁ ମଧୁର କ୍ଷୀର
ଶୃଗାଳ ନ ପଶୁ ଗୁହାଳେ ଆହେ ଚୌହାନ ବୀର ! "

ସେହିପରି କଳାହାଣ୍ଡି ରାଜାଙ୍କୁ ଭର୍ତ୍ସନା କରି ସେ ଲେଖିଥିଲେ,

"ଦେଖ କି ନା ରଘୁକିଶୋର କଳାହାଣ୍ଡି ଭୂପତି
ଘର ଭାତ ହାଣ୍ଡି ନୁହେଁ କି ମୁଁ ଉତ୍କଳ ଭାରତୀ ?
ସେହି ଭାତ ହାଣ୍ଡି ଆଗରେ ତୁମ୍ଭେ ଯାଉଛ ଫୁଟି
ଖାଇବାକୁ ଏବେ ପଡ଼ିବ ଶୁଖା କର୍କଶ ରୁଟି ।"

ମେହେରଙ୍କ ଭର୍ତ୍ସନାରୁ ରକ୍ଷାପାଇପାରି ନ ଥିଲେ ସୁବର୍ଣ୍ଣପୁର ରାଜା । ସେ ତାଙ୍କୁ ତାଙ୍କ ସଂସ୍କୃତ ପ୍ରୀତି କଥା ଚେତାଇ ଦେଇ ମାତୃଭାଷା ପ୍ରତି ଅବହେଳା ପାଇଁ ଆକ୍ଷେପ କରି କହିଥିଲେ,

"ସ୍ୱର୍ଣ୍ଣପୁର ପତି ବସିଛ ସ୍ୱର୍ଣ୍ଣମୟ ଆସନେ
ସଂସ୍କୃତେ ମାତିଛ ମୋ କଥା କାହିଁ ପଡ଼ିବ ମନେ ?"

ତାଙ୍କ ନିଜ ରାଜ୍ୟ ବରପାଲିର ଜମିଦାରଙ୍କୁ ଭର୍ତ୍ସନା କରିବାକୁ କୁଣ୍ଠିତ ହୋଇ ନ ଥିଲେ ସ୍ୱଭାବ କବି । ଓଡ଼ିଆ ଭାଷା ସପକ୍ଷରେ କଥା କହିଲେ କାଳେ ବିଲାତି ସରକାର ଉପାଧି ଛଡ଼ାଇ ନେବେ ଏହି ଭୟରେ ସେ ନିରବତା ଅବଲମ୍ବନ କରିଥିବା ସୂଚାଇ ତାଙ୍କ ପ୍ରତି କଠୋର କଟାକ୍ଷପାତ କରିଥିଲେ ମେହେର । ଯଥା –

"ବରପଲ୍ଲିପତି ଜାଣଇ ମୁହିଁ ତୁମ୍ଭର ମନ ।
ମୋହ ଲାଗି କହି ପାରିବ ପଦେ ଅଧେ ବଚନ ?
ହରିହର ସିଂହ ତୁମ୍ଭେ ତ କିଛି କହିବ ନାହିଁ
କହିଲେ ଅବା ଉପାଧିଟି ରାଜେ ନେବେ ଛଡ଼ାଇ ।"

ମାତୃଭାଷା ଓଡ଼ିଆର ବିକାଶ, ବିସ୍ତାର ଓ ସୁରକ୍ଷା ପାଇଁ ନିଜ ନିଜକୁ ଉତ୍ସର୍ଗ କରିଥିବା ବାଳମୁକୁନ୍ଦ ପଟ୍ଟନାୟକ , ଗୋପୀନାଥ ଗୁରୁ, ବନମାଳୀ ମିଶ୍ର , ଦିନବନ୍ଧୁ ପଟ୍ଟନାୟକ , ଚିନ୍ତାମଣି ବିଦ୍ୟାଭୂଷଣ , ସତ୍ୟବାଦୀ ପାଢ଼ୀ , ବୈକୁଣ୍ଠ ମିଶ୍ର ଓ ହରିବନ୍ଧୁ

ପଟ୍ଟନାୟକ ପ୍ରମୁଖ ପ୍ରଜାବର୍ଗଙ୍କୁ ଏହି କବିତାରେ ହାର୍ଦ୍ଦିକ ପ୍ରଶଂସା କରି ଉପରୋକ୍ତ ରାଜାମାନଙ୍କୁ ସେମାନଙ୍କ ବିଦେଶୀ ପ୍ରୀତି ପାଇଁ ସାରସ୍ୱତ ମହାରଥୀ ମେହେର ଯେଉଁ କଟୁ ଭର୍ତ୍ସନା କରିଥିଲେ ତାହା ଥିଲା ଅନନ୍ୟ । *ସମ୍ବଲପୁର ହିତୈଷିଣୀ* ତାହାକୁ ପ୍ରକାଶ କରି ମାତୃଭାଷା ଓଡ଼ିଆ ପାଇଁ ପ୍ରତିବଦ୍ଧତାର ପରାକାଷ୍ଠା ପ୍ରଦର୍ଶନ କରିଥିଲା । କିନ୍ତୁ ଏତିକି କହିଲେ *ସମ୍ବଲପୁର ହିତୈଷିଣୀ*ର ପ୍ରକୃତ ମୂଲ୍ୟାୟନ ହେବ ନାହିଁ । ମାତୃଭାଷା ଓଡ଼ିଆ ପ୍ରତି ବିପଦ ଦେଖି, ସେ ବିପଦର ଅପସାରଣପାଇଁ ଆଶାନୁରୂପ ବ୍ୟଗ୍ରତା ପ୍ରକଟ କରିପାରିନଥିବାରୁ ନିଜ ପ୍ରତିଷ୍ଠାତା ଓ ସର୍ବମୟକର୍ତ୍ତା , ବାମଣ୍ଡାଧୀପ ସାର୍ ବାସୁଦେବ ସୁଢ଼ଳ ଦେବଙ୍କୁ ମଧ୍ୟ ମେହେରଙ୍କ କବିତା ମାଧ୍ୟମରେ ଏହା ଧିକ୍କାର କରିଥିଲା । ସୁଢ଼ଳ ଦେବ ମାତୃଭାଷା ଓଡ଼ିଆରେ ସାହିତ୍ୟ ସର୍ଜନା ପାଇଁ ତଥା ଓଡ଼ିଆ ସାହିତ୍ୟିକମାନଙ୍କୁ ପୃଷ୍ଠପୋଷକତା ପ୍ରଦାନପାଇଁ ଖ୍ୟାତି ଅର୍ଜନ କରିଥିଲେ । ମାତ୍ର ତା ସତ୍ତ୍ୱେ ସମ୍ବଲପୁର ଇଲାକାରେ ଓଡ଼ିଆ ଭାଷାକୁ ଅଚଳ କରିଦିଆଯିବା ବିରୁଦ୍ଧରେ ସେ ଯେହେତୁ ତତ୍କାଳ ନିଜର ସ୍ୱର ସକ୍ରିୟ କରିପାରିନଥିଲେ ସେହେତୁ ତାଙ୍କୁ ଆକ୍ଷେପ କରିବାକୁ କୁଣ୍ଠିତ ହୋଇନଥିଲେ ଗଙ୍ଗାଧର । *ଉତ୍କଳ ଭାରତୀ*ଙ୍କ କଣ୍ଠରେ ତାଙ୍କ ଖେଦୋକ୍ତି ହେଲା :

"ସୁଢ଼ଳ ଦେବ ହେ ବିବିଧ ଗୁଣେ ହୋଇ ପଣ୍ଡିତ
ଉପାଧିମାଳରେ ନାମକୁ କରିଅଛ ମଣ୍ଡିତ ।
ହୋଇଅଛ ଆଜ ଭାରତେ ରାଜବଂଶର ମୁନି
ଦେଖି ଦେଖି ମୋର ଏ ଦଶା କିଂପା ହୋଇଛ ତୁନି ?
ସ୍ୱହସ୍ତରେ ଗଢ଼ି ଯତନେ ନାନାବିଧ ଭୂଷଣ
ଯା ଅଙ୍ଗରେ ମଣ୍ଡି ଦେଉଛ ସହି କେତେ କଷଣ ।
ରାଜ୍ୟ ଛାଡ଼ି ଆଜି ଦୁଃଖେ ସେ ଯାଉଅଛି ବାହାରି
ତାହା ପାଇଁ ପଦେ କହିବା ଏବେ ହେଲା କି ଭାରି ?"

ନିଜ ରାଜା ଓ ସ୍ୱତ୍ୱାଧିକାରୀଙ୍କ ବିରୁଦ୍ଧରେ ଏହି ତୀକ୍ଷ୍ଣ ଖେଦୋକ୍ତିକୁ ପ୍ରକାଶ କରିବାକୁ *ସମ୍ବଲପୁର ହିତୈଷିଣୀ* ଯେ ସାମାନ୍ୟ ଦ୍ୱିଧା କରି ନ ଥିଲା ତାହାହିଁ ଓଡ଼ିଆ ଜାତୀୟ

ସ୍ୱାର୍ଥର ଦିଗ୍‌ବଳୟରେ କ୍ରାନ୍ତିର ଆଭାକେନ୍ଦ୍ର ଭାବେ ତାହାର ବୈଶିଷ୍ଟ୍ୟ ସାବ୍ୟସ୍ତ କରେ । କହିବା ବାହୁଲ୍ୟ ଯେ *ସମ୍ବଲପୁର ହିତୈଷିଣୀ*ର ଏହି ନିଷ୍କଂପ ବିପ୍ଳବୀ ଭୂମିକା ମଧ୍ୟପ୍ରଦେଶର ଅନ୍ତର୍ଗତ କରାଯାଇ ହିନ୍ଦୀ ଦ୍ୱାରା ଓଡ଼ିଆକୁ କବଳିତ କରାଇବାକୁ ଯେଉଁ ଚକ୍ରାନ୍ତ ଆରମ୍ଭ ହୋଇଥିଲା ତା ବିରୁଦ୍ଧରେ ସୃଷ୍ଟି କରିଥିଲା ଏକ ଅନିର୍ବାଣ୍ୟ ଜାଗୃତି । ଏହା ସହ ସ୍ୱର ମିଳାଇ କଟକରୁ ପ୍ରକାଶ ପାଉଥିବା *ଉତ୍କଳ ଦୀପିକା*, ବାଲେଶ୍ୱରରୁ ପ୍ରକାଶ ପାଉଥିବା *ସମ୍ବାଦ ବାହିକା*, *ଉତ୍କଳ ଦର୍ପଣ* ଆଦି ସମ୍ବାଦପତ୍ର ସମ୍ବଲପୁର ଅଞ୍ଚଳର ଓଡ଼ିଆ ସ୍ୱାର୍ଥ ସୁରକ୍ଷା ପାଇଁ ଆୱାଜ ତୋଳିଥିଲେ ।

ତହିଁର ପ୍ରଭାବରେ ଯେଉଁ ଜନଜାଗୃତି ଦେଖା ଦେଲା ତହିଁର ଉପଯୋଗ କରି ୧୩ ।୬ ।୧୮୯୫ ତାରିଖରେ ସେ ଅଞ୍ଚଳର ମୁଖିଆ ଓଡ଼ିଆମାନେ ଧରଣୀଧର ମିଶ୍ରଙ୍କ ସଭାପତିତ୍ୱରେ ହିନ୍ଦୀ ଭାଷାର ଆଫିସୀୟ ପ୍ରୟୋଗ ପ୍ରତ୍ୟାହାର କରାଯାଇ ଓଡ଼ିଆ ଭାଷାର ପୁନର୍ଚଳନପାଇଁ ଆଦେଶ ଦେବାକୁ ତଦାନୀନ୍ତନ ବଡ଼ଲାଟ ଓଲ୍‌ଜିନ୍‌ଙ୍କୁ ପ୍ରସ୍ତାବ ପଠାଇଲେ । ଜନ ଆନ୍ଦୋଳନ ଲାଗି ରହିଲା । ୧୯୦୧ର ଜନଗଣନା ସେ ଅଞ୍ଚଳରେ ଓଡ଼ିଆ ଘନତ୍ୱ ଏପରି ସାବ୍ୟସ୍ତ କଲା ଯେ ସେହି ସଂପୂର୍ଣ୍ଣ ଓଡ଼ିଆ ଅଧ୍ୟୁଷିତ ଭୂଖଣ୍ଡରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷାକୁ ସରକାରୀ ଭାଷା ଭାବେ ଲଦିଦିଆଯିବା କିପରି ଥିଲା ଅଯୌକ୍ତିକ ଓ ଅବିମୃଷ୍ୟକାରୀ ତାହା ସ୍ପଷ୍ଟ ହୋଇଗଲା । ହିନ୍ଦୀଭାଷୀଙ୍କ ଚାପରେ ଦୁଷ୍ଟବୁଦ୍ଧି ବିଲାତି ହାକିମମାନେ ଯୁକ୍ତି କଲେ, ମଧ୍ୟପ୍ରଦେଶ ପରି ବିଶାଳ ଭୂଖଣ୍ଡରେ ହିନ୍ଦୀ ଯେହେତୁ ସରକାରୀ ଭାଷା , ସେହେତୁ ସମ୍ବଲପୁର ପରି ତଦନ୍ତର୍ଗତ ଏକ ଜିଲ୍ଲାରେ ଓଡ଼ିଆ ପ୍ରଚଳନ ପ୍ରଶାସନପାଇଁ ଘୋର ଅସୁବିଧାକାରକ ହେବ । ଏହା ବିରୁଦ୍ଧରେ ସମ୍ବଲପୁରର ବ୍ରଜ ମୋହନ ପଟ୍ଟନାୟକ , ମଦନ ମୋହନ ମିଶ୍ର , ମହନ୍ତ ବିହାରି ଦାସ ଓ ବଳଭଦ୍ର ସୁଆର ବଡଲାଟ କର୍ଜନଙ୍କୁ ଏକ ସ୍ମାରକପତ୍ର ଦେଇ ଦାବୀ କଲେ , *ଯଦି ପ୍ରଶାସନପାଇଁ ହିନ୍ଦୀଭାଷୀ ମଧ୍ୟପ୍ରଦେଶର କେବଳ ଗୋଟିଏ ଜିଲ୍ଲା ସମ୍ବଲପୁରରେ ଓଡ଼ିଆ ପୁନର୍ପ୍ରଚଳନ ସୁବିଧାଜନକ ନ ହେଉଥାଏ, ତେବେ ଆମ ଜିଲ୍ଲାକୁ ଓଡ଼ିଶାକୁ ଫେରାଇଦିଆଯାଉ ।* ("Once it is considered impossible to intro-

duce Oriya in only one district of Central Provinces our district should be returned to Orissa") ବସ୍ତୁତଃ ସମ୍ବଲପୁରର ଓଡ଼ିଆମାନେ ଏହି ଭାଷା ଆନ୍ଦୋଳନ ଆଳରେ ଅଲକ୍ଷ୍ୟରେ ଅକ୍ଷୁଣ୍ଣ ରଖିଥିଲେ ବିଲାତି ଶାସନ ବିରୁଦ୍ଧରେ ସାରା ଭାରତରେ ପ୍ରଥମେ ଅସ୍ତ୍ର ତୋଳିଥିବା ଓଡ଼ିଶା ପୁନରୁଦ୍ଧାର ସଂକଳ୍ପକୁ ସାରସ୍ୱତ ଶୈଳୀରେ । ଏବଂ ଏହି କ୍ରମରେ, ସାରା ଭାରତରେ ପ୍ରଥମ ଥର ପାଇଁ ଜନଜାଗରଣକାରୀ ଗଣମାଧ୍ୟମ ଭୂମିକାରେ ପ୍ରଯୁକ୍ତ ହୋଇଥିଲା ନାଟକ ।

### ନେତୃତ୍ୱଦାୟୀ ଗଣ ମାଧ୍ୟମ ଭୂମିକାରେ ନାଟକ

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆକ୍ଷେପ ଭୋଗିଥିବା ବିଦେଶୀ ଅନୁପ୍ରବେଶକାରୀ ଗୋରାଙ୍କ ପ୍ରୀତିକାମୀ ବଲାଙ୍ଗୀର, କଳାହାଣ୍ଡି ପରି ରାଜାମାନଙ୍କଠାରୁ ଭିନ୍ନ ଥିଲେ ଖଡ଼ିଆଳର ରାଜା ଶ୍ରୀ ବୀର ବିକ୍ରମ ସିଂହ । ତାଙ୍କ ରଚିତ ଓ ପରିବେଶିତ ନାଟକ *ଉତ୍କଳ ଦୁର୍ଦ୍ଦଶା* ଓଡ଼ିଶାର ଏହି ଚରମ ଦୁର୍ଦ୍ଦିନରେ ଓଡ଼ିଆ ଜାତିକୁ ସଂଗଠିତ କରି ମାତୃଭାଷାର ରକ୍ଷା ଓ ରାଜ୍ୟର ପୁନର୍ଗଠନ ପାଇଁ ଏକ ଶକ୍ତିଶାଳୀ ଗଣ ମାଧ୍ୟମ ଭାବେ କାର୍ଯ୍ୟ କରିଥିଲା । ତହିଁରୁ ଏକ ସଂଳାପ:

ସହିବ କେ ଦେଖି ଏ ଉତ୍କଳ !
ଅଙ୍ଗ ପ୍ରତ୍ୟଙ୍ଗ ବିଭଙ୍ଗ
ହୋଇଗଲାଣି ଉତ୍ସଙ୍ଗ
ଜଣେ ନାହିଁ କହିବାକୁ ପ୍ରବୋଧି ଗୀର ।
ହିନ୍ଦୀ, ତେଲେଙ୍ଗୀ, ବଙ୍ଗାଳୀ
ମହାରାଷ୍ଟ୍ରୀ ଆଦି ମିଳି
ବାଣ୍ଟିନେଲେ ସର୍ବେ ଯେଝା ଇଚ୍ଛା ପ୍ରକାର,
ଯେତେ ଉତ୍କଳ ସନ୍ତାନ
ହେଉଛନ୍ତି ହୀନମାନ
ଉତ୍କଳ ଦୁର୍ଦ୍ଦଶା କେବେ ହେବ ଅନ୍ତର ?

ଓଡ଼ିଆ ଭୂଖଣ୍ଡରେ ଅଣଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ଚାଲିବାରୁ ଓଡ଼ିଆ ଜାତି ଯେଉଁ ଅକଥନୀୟ ଦୁର୍ଗତିର ସମ୍ମୁଖୀନ ହେଲା ତା ବିରୁଦ୍ଧରେ ଜନମତ ଜାଗୃତିପାଇଁ, ବିଶେଷତଃ ହିନ୍ଦୀଭାଷୀ ମଧ୍ୟପ୍ରଦେଶର ପ୍ରାଦୁର୍ଭାବ କବଳରୁ ନିଜ ମାତୃଭୂମି ଓ ତାର ସାଂସ୍କୃତିକ ଐତିହ୍ୟକୁ ଉଦ୍ଧାର କରିବା ପାଇଁ ଏକ ଶକ୍ତିଶାଳୀ ଗଣମାଧ୍ୟମ ଭାବେ ଅସୀମ ପ୍ରଭାବ ବିସ୍ତାର କରିଥିଲା ଏହି ନାଟକ । ନିଜ ମାତୃଭାଷାର ସରକାରୀ ମର୍ଯାଦାର ପୁନରୁଦ୍ଧାରପାଇଁ ଜାଗିଉଠିଥିଲେ ସମ୍ବଲପୁର ଜିଲ୍ଲାନ୍ତର୍ଗତ ସମଗ୍ର ପଶ୍ଚିମ ଓଡ଼ିଶାବାସୀ ।

ସେତେବେଳକୁ ଓଡ଼ିଆ ଜାତିର ସର୍ବୋଚ୍ଚ ନେତା ଭାବେ ଉଭାଥିବା କୁଳଗୌରବ ମଧୁସୂଦନ ଦାସ (ମଧୁବାବୁ)ଙ୍କୁ ଭାରତର ବଡ଼ଲାଟ ୧୨ ।୯ ।୧୯୦୧ ତାରିଖରେ ଜଣାଇଲେ କି , ଫ୍ରେଜର୍ ସାହେବଙ୍କ ରିପୋର୍ଟ ଉପରେ ହିଁ ସମ୍ବଲପୁରରେ ଓଡ଼ିଆ ଭାଷା ଚଳିବ କି ନାହିଁ ତାହା ନିର୍ଭର କରିବ ।

ଫ୍ରେଜର୍ ଯେଉଁ ରିପୋର୍ଟ ଦେଇଥିଲେ ତାର ଐତିହାସିକ ମୂଲ୍ୟ ଅମୂଲ୍ୟ । ନିମ୍ନରେ ମୁଁ ତାହାର ନିର୍ଭୁଲ ଅନୁବାଦ ରଖୁଛି ।

### ଫ୍ରେଜର୍ ସାହେବଙ୍କ ରିପୋର୍ଟ

" ଜିଲ୍ଲାଟିର ଭାଷା ଓଡ଼ିଆ । ଏହାର ପ୍ରଶାସନିକ ସମସ୍ୟା ଅସୀମ । (ମୋ ପୂର୍ବ ପଦାଧିକାରୀଙ୍କ ପଦକ୍ଷେପ ପରେ) ଏହି ଜିଲ୍ଲାର ଲୋକମାନଙ୍କୁ ରାଜଭାଷା ହିନ୍ଦୀ ସହ ପରିଚିତ କରାଇବା ପାଇଁ ଗାଁ ଚାଟଶାଳୀରେ ହିନ୍ଦୀ ଭାଷା ଶିକ୍ଷା ଦେବାକୁ ଉଦ୍ୟମ ଆରମ୍ଭ ହୋଇଥିଲା । ଜମିଜମା ଓ ପୋଲିସ ରେକର୍ଡ ହିନ୍ଦି ଭାଷାରେ ଲିପିବଦ୍ଧ କରାହେଉଥିଲା ଏବଂ ଆଇନ ଅଦାଲତରେ ମଧ୍ୟ ହିନ୍ଦୀ ଭାଷା ପ୍ରଚଳନପାଇଁ ବ୍ୟବସ୍ଥା ହୋଇଥିଲା । କିନ୍ତୁ ଜନସାଧାରଣଙ୍କ ପ୍ରକୃତ ଭାଷା ଓଡ଼ିଆ ହୋଇଥିବାରୁ ହିନ୍ଦୀକୁ ଏପରି ସରକାରୀ ଭାଷା ରୂପେ ପ୍ରଚଳନ କରାଇବା ବିରୁଦ୍ଧରେ ପ୍ରତିବାଦର ସୂଅ ଛୁଟିଲା ଏବଂ ଏହାର ଅଳ୍ପ କାଳ ପରେ ମଧ୍ୟପ୍ରଦେଶର

ଚିଫ୍ କମିସନର୍ ଭାବେ ମୁଁ ସମ୍ବଲପୁର ଜିଲ୍ଲାକୁ ମୋର ପ୍ରଥମ ପରିଦର୍ଶନରେ ଗଲି ।

ମୁଁ ଯାହା ଦେଖିଲି ତାହା ଥିଲା ଅତ୍ୟନ୍ତ ହୃଦୟ ବିଦାରକ ।

ମୁଁ ଦେଖିଲି, ୪୦ ବା ୫୦ ମାଇଲ ଦୂରରେ ରହୁଥିବା ଲୋକଙ୍କ ପାଖକୁ ହିନ୍ଦୀରେ ଲେଖା ହୋଇ ଅଦାଲତରୁ ସମନ୍ ଯାଉଥିଲା । ଯେଉଁ ଲୋକ ପାଖକୁ ଏପରି ସମନ୍ ଯାଉଥିଲା, ସେ ନିଜେ ତାହା ପଢ଼ିପାରୁନଥିଲା ବା ତା ଗାଁରେ ମଧ୍ୟ କେହି ତାକୁ ପଢ଼ିପାରୁନଥିଲେ । ଯେଉଁ ଚଉକିଆ ଦ୍ୱାରା ସମନ୍ ଯାଉଥିଲା, ସେ ମଧ୍ୟ ଥିଲା ନିରକ୍ଷର । ସୁତରାଂ ସେ ବି କହିପାରୁନଥିଲା ଯେ କେଉଁ କାରଣ ହେତୁ ଅଦାଲତରୁ ସମନ୍ ଜାରି ହୋଇଛି । ସମନ୍ ପାଇ ଅଦାଲତରେ ହାଜର୍ ନ ହେଲେ ଦଣ୍ଡ ମିଳିବା ଭୟରେ ଲୋକଟି ଚାଲି ଚାଲି ବା ଶଗଡ଼ ଗାଡ଼ିରେ ଅଝାଡ଼ ଜଙ୍ଗଲ ଭିତରେ ୪୦/୫୦ ମାଇଲ ଆସି ଅଦାଲତରେ ହାଜର ହେଉଥିଲା ଏବଂ ବୁଝିବାକୁ ଚେଷ୍ଟା କରୁଥିଲା ଯେ କାହିଁକି ତାକୁ ସମନ୍ ଜାରି ହୋଇଛି । ହୁଏତ ତାକୁ ସେତକ ବୁଝି ସାରି ମହଲତ ପାଇଁ ଦରଖାସ୍ତ କରିବାକୁ ହେଉଥିଲା ବା ଯେଉଁ କାଗଜପତ୍ର ଦେଖାଇବାକୁ ତାକୁ ସମନ୍ ଯାଇଥିଲା ସେ କାଗଜପତ୍ର ଆଣିବା ପାଇଁ ପୁଣି ଜଙ୍ଗଲେ ଜଙ୍ଗଲେ ସେହି ୪୦/୫୦ ମାଇଲ୍ ବାଟ ଫେରିବାକୁ ପଡୁଥିଲା ।

ମୁଁ ଦେଖିଲି, କୌଣସି ଲୋକ ବିପଦ ଆପଦରେ ପଡ଼ି ଯଦି ଥାନାକୁ ଯାଉଥିଲେ ତାଙ୍କ ଏତଲା ହିନ୍ଦୀରେ ଦରଜ୍ ହେଉଥିଲା ଏବଂ ତାଙ୍କୁ କ'ଣ ଲେଖା ହେଲା ତାହା

ସେହି ହିନ୍ଦୀରେ ହିଁ କହିଦିଆହେଉଥିଲା । ସେ ହିନ୍ଦୀ ଜାଣି ନ ଥିବା ହେତୁ କ'ଣ ପ୍ରକୃତରେ ଲେଖା ହେଲା ତାହା ବୁଝିପାରୁନଥିଲେ ମଧ୍ୟ ତହିଁରେ ଦସ୍ତଖତ କରିବାକୁ ବାଧ୍ୟ ହେଉଥିଲେ ।

ମୁଁ ଦେଖିଲି , ପଦାଧିକାରୀମାନେ ଗାଁମାନଙ୍କର ଜମିଜମା ଦସ୍ତାବିଜ୍ ହିନ୍ଦୀରେ ଲେଖୁଥିଲେ । ରୟତକୁ ତା ଜମିଜମାର ଯେଉଁ ପର୍ଚ୍ଚା ଦିଆ ହେଉଥିଲା ତାହା ହିନ୍ଦୀରେ ଦିଆହେଉଥିଲା । ବିଚରା ରଇତଟି ନିଜେ ଜାଣିପାରୁନଥିଲା ତା ପର୍ଚ୍ଚାରେ କ'ଣ ଲେଖା ହୋଇଛି ଏବଂ ତା ସାହିପଡ଼ିଶା , ଗ୍ରାମବାସୀ ବା ବନ୍ଧୁବାନ୍ଧବ କେହି ମଧ୍ୟ ହିନ୍ଦୀ ଜାଣି ନ ଥିବା ହେତୁ ସେ ପର୍ଚ୍ଚାରେ କ'ଣ ଲେଖା ଅଛି ତାହା କାହାଠାରୁ ମଧ୍ୟ ସେ ବୁଝିପାରୁନଥିଲା । ଯଦିଓ ଗାଁ ଚାଟଶାଳୀରେ ପିଲାମାନଙ୍କୁ ହିନ୍ଦୀ ଭାଷା ସହ ପରିଚିତ କରାହେଉଥିଲା, ଜମିଜମାର ପଟ୍ଟାପତ୍ର ହିନ୍ଦୀରେ ପଢ଼ି ନିଜର ବାପାମାଆଙ୍କୁ ବୁଝାଇବାର ଯୋଗ୍ୟତା ମଧ୍ୟ ସେମାନଙ୍କର ନ ଥିଲା ।

ମୁଁ ଦେଖିଲି , ଜିଲ୍ଲାବାସୀ ଜନସାଧାରଣ ନିଜ ପିଲାଙ୍କୁ ନିଜର ପ୍ରିୟ ମାତୃଭାଷା ଓଡ଼ିଆ ପଢ଼ାଇବାକୁ ସକ୍ଷମ ହୋଇପାରୁନଥିଲେ । କାରଣ, ଗାଁ ସ୍କୁଲ୍‌ରେ କେବଳ ହିନ୍ଦୀରେ ହିଁ ପଢ଼ା ହେଉଥିଲା । ଘରୋଇ ଶିକ୍ଷକ ରଖି ନିଜ ମାତୃଭାଷା ଓଡ଼ିଆ ପଢ଼ାଇବା ସାଧାରଣ ଲୋକଙ୍କ ପକ୍ଷେ ଅସମ୍ଭବ ଥିଲା । ଅଥଚ ଓଡ଼ିଆ ଭାଷାଟି ଯେମିତି ଶୁଣିବାକୁ ମଧୁର ତହିଁର ଅକ୍ଷରଗୁଡ଼ିକ ମଧ୍ୟ ଦେଖିବାକୁ ସେମିତି ସୁନ୍ଦର । ଏହି ସୁନ୍ଦର ଭାଷାଟି ଯେଉଁମାନଙ୍କ ମାତୃଭାଷା ସେମାନଙ୍କ ଉପରେ ଜୋର୍ ଜବର୍‌ଦସ୍ତି ହିନ୍ଦୀ ଭାଷା ଲଦି ଦିଆଯାଇଥିବା ହେତୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ଅତ୍ୟନ୍ତ ସ୍ୱାଭାବିକ ଥିଲା ।"

ସାର୍ ଆଣ୍ଡ୍ରୁ ଫ୍ରେଜର୍ ବଡ଼ଲାଟଙ୍କୁ କେବଳ ଉପରୋକ୍ତ ରିପୋର୍ଟ ଦେଇଥିଲେ, ତା ନୁହେଁ, ସେ ଦୃଢ଼ ଯୁକ୍ତି ରଖିଥିଲେ ଯେ ବଙ୍ଗଳା ସରକାରଙ୍କ ଅଧୀନରେ ବହୁ ଓଡ଼ିଆଭାଷୀ ଅଞ୍ଚଳ ରହିଥିବା ହେତୁ ମଧ୍ୟପ୍ରଦେଶରୁ ସମ୍ବଲପୁରର ପ୍ରଶାସନକୁ କାଢ଼ିଆଣି ତାକୁ ବଙ୍ଗଳାରେ ରଖାହୋଇଥିବା ଓଡ଼ିଶା ମଣ୍ଡଳ ସହ ସାମିଲ କରାଯାଉ ବା ବଙ୍ଗଳାରୁ ଓଡ଼ିଆଭାଷୀ ଅଞ୍ଚଳକୁ କାଢ଼ିଆଣି ମଧ୍ୟପ୍ରଦେଶରେ ରଖାଯାଉ, ଯଦ୍ଦ୍ୱାରା ସମ୍ବଲପୁର ସମେତ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଗୋଟିଏ ଶାସନରେ ରହିପାରିବ ଓ ଓଡ଼ିଆମାନଙ୍କର ଭାଷା ଓ ସଂସ୍କୃତି ଅକ୍ଷୁର୍ଣ୍ଣ ରହିବ ।

ମାତ୍ର ଫ୍ରେଜରଙ୍କ ପରାମର୍ଶକୁ ତଦାନିନ୍ତନ ଭାରତ ସଂପର୍କୀୟ ସେକ୍ରେଟାରୀ ସି. ରିଭର୍ ଅଗ୍ରାହ୍ୟ କରି ଦେଇଥିଲେ । ରିଭର୍‌ଙ୍କ ଯୁକ୍ତି ଥିଲା , *ଓଡ଼ିଆମାନେ ଏତେ ଦୁର୍ଦ୍ଧର୍ଷ ଯେ ସେମାନଙ୍କୁ ଏକ ଶାସନାଧୀନରେ ରଖିଲେ ଅବସ୍ଥା ସମ୍ଭାଳି ହେବ ନାହିଁ* ।

କିନ୍ତୁ ଓଡ଼ିଆ ଜାତିର , ବିଶେଷତଃ ସମ୍ବଲପୁର ଅଞ୍ଚଳବାସୀଙ୍କର ନିରବଛିନ୍ନ ଦାବି ତଥା ଫ୍ରେଜର୍ ସାହେବଙ୍କ ଐକାନ୍ତିକ ଚେଷ୍ଟା ଫଳରେ ୧୯୦୫ ଅକ୍ଟୋବର୍ ୧୬ ତାରିଖରେ ସମ୍ବଲପୁର ଜିଲ୍ଲା ବଙ୍ଗପ୍ରଦେଶ ଅନ୍ତର୍ଗତ ଓଡ଼ିଶା ମଣ୍ଡଳ ସହିତ ସମ୍ମିଳିତ ହେଲା ଏବଂ ତତ୍ ସଙ୍ଗେ ସଙ୍ଗେ ମଧ୍ୟପ୍ରଦେଶରେ ଥିବା ବଲାଙ୍ଗିର ପାଟଣା, ସୋନପୁର , କଳାହାଣ୍ଡି , ବାମଣ୍ଡା ଓ ରେଢ଼ାଖୋଲ ରାଜ୍ୟଗୁଡ଼ିକ ଓଡ଼ିଶା ସହିତ ମିଳିତ ହୋଇ ଓଡ଼ିଶା କମିସନର୍‌ଙ୍କ ଅଧୀନରେ ଥିବା ପଲିଟିକାଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରହିଲେ ।

ଶ୍ରୀପତି ମିଶ୍ରଙ୍କ ସଂପାଦନାରେ ସେତେବେଳେ ସମ୍ବଲପୁରରୁ ପ୍ରକାଶ ପାଉଥିବା *ଉତ୍କଳ ଦର୍ପଣ* , ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନାରେ ଦେବଗଡ଼ରୁ ପ୍ରକାଶ ପାଉଥିବା *ସମ୍ବଲପୁର ହିତୈଷିଣୀ* – ଏହି ଦୁଇଟି ସମ୍ବାଦପତ୍ର ଗୌରୀଶଙ୍କର ରାୟଙ୍କ ସଂପାଦନାରେ କଟକରୁ ପ୍ରକାଶ ପାଉଥିବା *ଉତ୍କଳ ଦୀପିକା*ର ସମତାଳରେ ଓଡ଼ିଶା ସହ ସମ୍ବଲପୁର ସମେତ ଏହି ସମସ୍ତ ଇଲାକା ଓଡ଼ିଶା ଭୂମଣ୍ଡଳକୁ ଫେରି ଆସିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ।

## ଉତ୍କଳ ଦୀପିକାର ଆଗୁଆ ଭୂମିକା

ମାତ୍ର ସମ୍ବଲପୁର ଅଞ୍ଚଳବାସୀଙ୍କ ମଧ୍ୟରେ ନିଜ ମାତୃଭାଷା ଓଡ଼ିଆର ସୁରକ୍ଷା ଏବଂ ଓଡ଼ିଆ ଭାଷାଭାଷୀ ସମଗ୍ର ଭୂଖଣ୍ଡରେ ରାଜଭାଷା ଭାବେ ତାହାର ପୁନଃ ପ୍ରବର୍ତ୍ତନ ପାଇଁ ଜନଚେତନାର ପ୍ରଖର ସଞ୍ଚାରଣ କରିଥିଲା *ଉତ୍କଳ ଦୀପିକା* ହିଁ ପ୍ରଥମେ ।

ଫ୍ରେଜର୍ ସାହେବ ତାଙ୍କ ରିପୋର୍ଟ ଦେବାର ୩୦ ବର୍ଷ ପୂର୍ବରୁ ସମ୍ବଲପୁରକୁ ମଧ୍ୟପ୍ରଦେଶରୁ ଫେରାଇ ଆଣି ଓଡ଼ିଶା ମଣ୍ଡଳରେ ମିଶାଇ ଦେବାକୁ *ଉତ୍କଳ ଦୀପିକା* ହିଁ ପ୍ରଥମେ ଦାବି କରିଥିଲା ତା'ର ୧୬ ।୧୧ ।୧୮୭୦ ତାରିଖ ସଂପାଦକୀୟରେ ।

ଏହି ସଂପାଦକୀୟ ଓଡ଼ିଆ ଜାତି ପାଇଁ ଏକ ଅମୂଲ୍ୟ ଦଲିଲ୍ । ଏହି ଦୁଷ୍ପ୍ରାପ୍ୟ ସଂପାଦକୀୟ ଏହିପରି –

> "ସଂପ୍ରତି ଭାରତବର୍ଷର ଅନେକ ସମ୍ବାଦପତ୍ରରେ ଏହି ସମ୍ବାଦ ପ୍ରଚାର ହୋଇଅଛି ଯେ, ଲର୍ଡ ନର୍ଥ୍ ବ୍ରୁକ୍ ସାହେବ ଏହି ଥର ମଧ୍ୟ ପ୍ରଦେଶର ପୃଥକ ଶାସନ କାର୍ଯ୍ୟ ଉଠାଇଦେଇ ତହିଁର କେତେକ ଅଂଶ ବମ୍ବେଇ , କେତେକ ବଙ୍ଗଳା ଓ କେତେକ ଉତ୍ତର–ପଶ୍ଚିମ ବିଭାଗ ସଙ୍ଗେ ଯୋଗକରିବେ । ...............ପ୍ରସ୍ତାବଟି ଯେ ଉତ୍ତମ ଅଟଇ ଏଥିରେ କୌଣସି ସନ୍ଦେହ ନାହିଁ ।
>
> ଆମ୍ଭେମାନେ ଭରସା କରୁଁ ଯେ. ମହାମାନ୍ୟ ଗଭର୍ଣ୍ଣର୍ ଜେନେରାଲ୍ ଏ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରିବାକୁ ଆଉ ବିଳମ୍ବ କରିବେ ନାହିଁ । ଓ, ଯଦ୍ୟପି ତାହା ହେବ, ତେବେ ନିଶ୍ଚୟ ଅନୁମାନ ହୁଅଇ ଯେ ସମ୍ବଲପୁର ଜିଲ୍ଲା ଓଡ଼ିଶା କମିସ୍ନରଙ୍କ ଅଧୀନରେ ଆସିବ । କାରଣ ଓଡ଼ିଶା ସହିତ ସମ୍ବଲପୁରର ଯେତେ ପ୍ରକାର ସଂଯୋଗ ଅଛି ବଙ୍ଗଳାର ଅନ୍ୟ କୌଣସି ଜିଲ୍ଲା ସହିତ ସେ ରୂପ

ନାହିଁ । ମାତ୍ର ଆମ୍ଭେମାନେ ଶୁଣି ଦୁଃଖିତ ହେଲୁଁ ଯେ ସମ୍ବଲପୁରବାସୀ କେତେକ ବ୍ୟକ୍ତି ଏଥିରେ ଅସମ୍ମତ ହୋଇ ଗଭର୍ଣ୍ଣମେଣ୍ଟଙ୍କୁ ଏମନ୍ତ ଆବେଦନ ପଠାଇବାକୁ ଉଦ୍ୟମ କରୁଛନ୍ତି କି ଯେମନ୍ତ ସମ୍ବଲପୁର କଟକ ଅଧୀନ ନ ହୋଇ ଛୋଟ ନାଗପୁର ଅଧୀନ ହେବ । ଏ ରୂପ ପ୍ରାର୍ଥନା କରିବା ତାତ୍ପର୍ଯ୍ୟ କି ଆମ୍ଭେମାନେ ସ୍ଥିର କରି ପାରୁନାହୁଁ । କିନ୍ତୁ ଆମ୍ଭମାନଙ୍କୁ ଜଣା ଯାଏ ଯେ କେତେଗୁଡ଼ିଏ ସ୍ୱାର୍ଥପର ବ୍ୟକ୍ତି ଆପଣା ଆପଣା ଲାଭ ଧ୍ୱଂସ ଆଶଙ୍କାରେ ଏ ରୂପ ଆନ୍ଦୋଳନ କରୁଥିବେ । ନୋହିଲେ ସମ୍ବଲପୁର ଓଡ଼ିଶାକୁ ନ ଲୋଡ଼ି ଛୋଟ ନାଗପୁର ଅଧୀନ ହେବାକୁ ଚେଷ୍ଟା କରିବ – ଏ କଥା କେଉଁ ବୁଦ୍ଧିମାନ ଲୋକ ଯୁକ୍ତିଯୁକ୍ତ ଜ୍ଞାନ କରିବ ?

ଯଦ୍ୟପି ଯେ କୌଣସି କାରଣରୁ ସମ୍ବଲପୁର ଏତେ କାଳ ମଧ୍ୟପ୍ରଦେଶର ଅନ୍ତର୍ଗତ ହୋଇଅଛି ତଥାଚ ସମ୍ବଲପୁରକୁ ବାସ୍ତବରେ ଓଡ଼ିଶାର ଅଂଶ ବୋଲି ଜ୍ଞାନ କରିବାକୁ ହେବ । ଏ ଦୁଇ ରାଜ୍ୟର ଭାଷା ଏକ ଓ ସରକାରୀ କାର୍ଯ୍ୟାଳୟମାନଙ୍କରେ ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ଚଳଇ । ଓଡ଼ିଶା ସଙ୍ଗେ ସମ୍ବଲପୁର ଯୋଗ ଦେଲେ ସରକାରୀ କାର୍ଯ୍ୟରେ କୌଣସି ବ୍ୟାଘାତ ହେବ ନାହିଁ । ଛୋଟ ନାଗପୁର ଭାଷା ପୃଥକ । ସୁତରାଂ ସମ୍ବଲପୁରୀ ମାମଲତକାରମାନଙ୍କର ସେଠାରେ ବିସ୍ତର କ୍ଳେଶ ଓ କ୍ଷତି ହେବାର ସମ୍ଭାବନା । ପ୍ରଚଳିତ ଭାଷା ବିବେଚନାରେ ରାଜ୍ୟ ବିଭାଗ କରିବା ସର୍ବ୍ବ ଉଚିତ ଅଟଇ । ଓ ଏ ଯୁକ୍ତି ଅନୁସାରେ ସମ୍ବଲପୁରକୁ କଦାଚ ଓଡ଼ିଶାରୁ ବିଚ୍ଛିନ୍ନ କରିବାର ନୁହଁଇ ।"

ଉଲ୍ଲେଖ ନିଷ୍ପ୍ରୟୋଜନ ଯେ ଭାଷା ଭିତ୍ତିରେ ପ୍ରଦେଶ ଗଠନର ପ୍ରଥମ ପ୍ରସ୍ତାବ ରଖିଥିଲା *ଉତ୍କଳ ଦୀପିକା* ଏବଂ ତିନି ଭାଗରେ ଭାଗ ଭାଗ ହୋଇଯାଇଥିବା ଓଡ଼ିଶାର ପୁନର୍ଗଠନ ପାଇଁ ମଧ୍ୟ *ଉତ୍କଳ ଦୀପିକା* ହିଁ ପ୍ରଥମ ସ୍ୱର ଉତ୍ତୋଳନ କରିଥିଲା ଏକ ଦାୟିତ୍ୱପୂର୍ଣ୍ଣ ଗଣ ମାଧ୍ୟମ ଭାବେ ।

ଲକ୍ଷ୍ୟ କରିବାର କଥା, ଭାଷା ଭିତ୍ତିରେ ସମ୍ବଲପୁରକୁ କଟକ ସହ ମିଶାଇବାକୁ *ଉତ୍କଳ ଦୀପିକା* ଦାବି କରିବା ପରେ ସେଠାରେ ସରକାରୀ କାର୍ଯ୍ୟାଳୟରେ ଚାଲୁଥିବା ଓଡ଼ିଆ ଭାଷାକୁ ଉଠାଇ ଦେଇ ହିନ୍ଦୀ ଭାଷା ବଳବତ୍ତର କରିବାକୁ ଓଡ଼ିଆ ସ୍ୱାର୍ଥ ବିରୋଧୀମାନେ ଉଦ୍ୟମ କରିଥିଲେ ଓ ଉଡ୍‌ବର୍ଣ୍ଣ ସାହେବଙ୍କ ଦ୍ୱାରା ୧୫ ।୧ ।୧୮୯୫ରେ ତାଦୃଶ ଆଦେଶ ଜାରି ବି କରାଇଥିଲେ । ଏହି ଆଦେଶ କିପରି ୧୯୦୫ ଅକ୍‌ଟୋବର ୧୬ ତାରିଖରେ ପ୍ରତ୍ୟାହୃତ ହୋଇ ସମ୍ବଲପୁର କଟକ କମିସନର୍‌ଙ୍କ ଅଧୀନକୁ ଆସିଲା ତାହା ଆଉ ଦୋହରାଇବାର ଆବଶ୍ୟକତା ନାହିଁ ।

ସଂକ୍ଷେପରେ କହିଲେ, *ଉତ୍କଳ ଦୀପିକା* ୧୮୭୦ରୁ ୧୯୦୫ ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ କାଳ ହିଁ ସମ୍ବଲପୁରରେ ଓଡ଼ିଆ ଭାଷାର ସୁରକ୍ଷା ଓ ସମ୍ବଲପୁରକୁ ଓଡ଼ିଶା ସହ ମିଶାଇବା କ୍ଷେତ୍ରରେ ଅଗ୍ର ନେତୃତ୍ୱ ନେଇଥିଲା । *ସମ୍ବଲପୁର ହିତୈଷିଣୀ* , *ଉତ୍କଳ ଦର୍ପଣ* ଓ *ସମ୍ବାଦ ବାହିକା* ପ୍ରମୁଖ ତାହା ସହ ସମତାଳରେ ପାଦ ମିଳାଇ ଓଡ଼ିଶା ପ୍ରଦେଶର ପୁନର୍ଗଠନର ପ୍ରଥମ ପାହାଚ ନିର୍ମାଣ କରିଥିଲେ ।

ଏବେ ଦେଖିବା ବଙ୍ଗ ଶାସନ କବଳରେ ଥିବା ଓଡ଼ିଶାର କଥା ।

### ***ବଙ୍ଗାଳୀ ଷଡ଼ଯନ୍ତ୍ର***

ଓଡ଼ିଆମାନେ ଯେତେବେଳେ ଓଡ଼ିଶା ମାଟିରେ ବ୍ରିଟିଶ୍ ଅନୁପ୍ରବେଶକାରୀମାନଙ୍କୁ ପଶେଇଦେଉନଥଲେ ସେତେବେଳେ ସେହି ବିଦେଶୀ ଗୋରାଙ୍କ ଚରାଭୂଇଁ ସାଜି ଥିଲା ବଙ୍ଗରାଜ୍ୟ ଏବଂ ବଙ୍ଗାଳୀମାନେ ସେମାନଙ୍କ ସ୍ଥାନୀୟ ସେବାକାରୀ ("native servants" - W.Trower, Collector, Cuttack on Revenue Administration in Orissa, dated the 23rd May,1817 vide Orissa State Archives Ms.Vol. 387) ବନି ସେମାନଙ୍କ ବିଶ୍ୱାସ ଭାଜନ ହେବାକୁ ଚେଷ୍ଟା ଚଳାଇଥିଲେ ।

ଅବଶେଷରେ ଯେତେବେଳେ ଓଡ଼ିଆ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ସହ ସନ୍ଧି ସ୍ଥାପନ କରି ବ୍ରିଟିଶ୍ ହାସଲ କଲା ଓଡ଼ିଶାରେ ମସ୍‌ନଦୀୟ ସ୍ୱୀକୃତି , ସେହି ବଙ୍ଗାଳୀମାନେ ହିଁ ସେମାନଙ୍କ କାନକୁହା ସାଜି ଓଡ଼ିଶା ମୁଲକ ପାଇଁ ଅଭିପ୍ରେତ ବିଲାତୀୟଙ୍କ ଦପ୍ତରମାନଙ୍କରେ ସେମାନଙ୍କ ସହାୟକ ହୋଇ ଯୋଗ ଦେଲେ ଏବଂ ନିଜ ନିଜ ଦାପ୍ତରୀକ ଅବସ୍ଥିତିର ଫାଇଦା ଉଠାଇ ଓଡ଼ିଆ ଜାତିର ଭୌମିକ ଓ ବାଣିଜ୍ୟିକ ବିଭବ ଲୁଟ୍‌ପାଟ୍ କରିବାରେ ଲାଗିଲେ । ଏମାନଙ୍କ ଆଚରଣ ଉପରେ ଦୃଷ୍ଟିପାତ କରି ଉପର ସୂଚୀତ ରିପୋର୍ଟରେ ଟ୍ରୋୟର ଲେଖିଛନ୍ତି, *ଏମାନଙ୍କ ଦ୍ୱାରା ସର୍ବତ୍ର ଶୋଷଣ ଓ ଲୁଣ୍ଠନର ଏକ ନିୟମିତ ବ୍ୟବସ୍ଥା ଚାଲିଛି ଓ ଏମାନଙ୍କୁ ଇଲାକାର ରକ୍ଷାକାରୀ ତଥା ଅପକର୍ମର ପ୍ରତିରୋଧକାରୀ ଭାବେ ଗ୍ରହଣ କରିବା ପରିବର୍ତ୍ତେ (ଓଡ଼ିଶାର) ଲୋକେ ସନ୍ତ୍ରାସ ଓ ମହା ବିପତ୍ତି ରୂପେ ହିଁ ଦେଖୁଛନ୍ତି ।*

("A regular system of oppression and peculation appears to exist throughout and instead of proving a protection to the country and a preventive against improper conduct, these people are considered the terror and the scourge of the district."-Ibid)

ବିଦେଶୀ ଗୋରାଙ୍କ ସେବାକାରୀ ଏହି ବଙ୍ଗାଳୀମାନେ ଓଡ଼ିଶାରେ ଥିବା ବିଲାତି ଦପ୍ତରମାନଙ୍କରେ ଅମଲା ଭାବେ ଝୁନ୍ଦି ହୋଇ ଓଡ଼ିଶାରେ ସର୍ବତ୍ର ଚଳାଇଥିବା ଲୁଣ୍ଠନରାଜ୍‌କୁ ନିରଙ୍କୁଶ କରିବା ମତଲବ୍‌ରେ କୋର୍ଟ କଚେରୀମାନଙ୍କରେ ଓଡ଼ିଆ ଭାଷା ବଦଳରେ ବଙ୍ଗାଳୀ ଭାଷା ଚଳାଇବାକୁ ଷଡ଼ଯନ୍ତ୍ର କଲେ ଏବଂ ତଦନୁରୁପ ୧୮୪୧ରେ କଟକ ରେଭିନ୍ୟୁ ବୋର୍ଡ ସରକାରଙ୍କୁ ସୁପାରିଶ କଲେ ଯେ ଯେହେତୁ କୋର୍ଟ କଚେରୀମାନଙ୍କରେ କାମ କରୁଥିବା ଅମଲାମାନଙ୍କ ମଧ୍ୟରେ ଶତକଡ଼ା ୯୫ ବଙ୍ଗାଳୀ ସେହେତୁ କୋର୍ଟ କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ବଙ୍ଗାଳୀ ଭାଷା ପ୍ରଚଳନ କରାଯାଉ ।

ମିଲ୍ସ ସାହେବ ଓଡ଼ିଶାର କମିସନର ଥିଲେ । ସେ ବିରୋଧ କରିବାରୁ ଏହି ଚକ୍ରାନ୍ତ ପଣ୍ଡ ହୋଇଗଲା ।

ମାତ୍ର ତା ପରେ ଆରମ୍ଭ ହେଲା ଏକ ଅତ୍ୟନ୍ତ ଘୃଣ୍ୟ , ଅଜ୍ଞାନ , ଅବାନ୍ତର , ଅବାସ୍ତବ, ଅଶ୍ଳୀଳ ଓ ଅଶୁଦ୍ଧ ଅଭସନ୍ଧି ପ୍ରସୂତ ଯୁକ୍ତି ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ; ପରନ୍ତୁ ଏହା ବଙ୍ଗଳାରୁ ଉଦ୍ଭୁତ ଏକ ଉପଭାଷା ।

ପରବର୍ତ୍ତୀ କାଳରେ ସୁନୀତି କୁମାର ଚାଟର୍ଜୀଙ୍କ ପରି ବଙ୍ଗାଳୀ ଭାଷାତତ୍ତ୍ୱବିତ୍ ଅବଶ୍ୟ ସ୍ୱୀକାର କରିଥିଲେ କି, ଓଡ଼ିଆ ଭାଷାରେ ପ୍ରାଚୀନତାର ଏତେ ବିଭବ ଭରି ହୋଇ ରହିଛି ଯେ ଭାଷାତାତ୍ତ୍ୱିକ ବାସ୍ତବତା ପ୍ରତି କୌଣସି ଅବମାନନା ନ କରି ବିନା ଦ୍ୱିଧାରେ କହି ହେବ ଯେ ବଙ୍ଗଳା ଭାଷା ଓଡ଼ିଆଭାଷା ତୁଳନାରେ ଅର୍ବାଚୀନ । ଓଡ଼ିଆ , ଅହମିୟା ଓ ବଙ୍ଗଳା-ଏହି ତିନିଭଉଣୀଙ୍କ ଭିତରେ ଓଡ଼ିଆ ହିଁ ଅଗ୍ରଜା ।

("Of these three speeches-Oriya, Bengali and Assamees, Oriya has preserved a great many archaic features in both grammar and pronounciation; and it may be said without travesty of linguistic truth that Oriya is the eldest of the three sisters, when we consider the archaic character of the language."- Indian Historical Quarterly, vol.XXIII, 1947,p.337)

ବଙ୍ଗାଳୀମାନେ ଯେ ଏହି ସତ୍ୟ ଜାଣି ନ ଥିଲେ , ତା ନୁହେଁ । ମାତ୍ର ତା ସତ୍ତ୍ୱେ ସେମାନେ ଏପରି ଏକ କୁତ୍ସିତ ଓ ଦୁରଭିସନ୍ଧିସମ୍ଭୂତ ଯୁକ୍ତି ବାଢ଼ି ଓଡ଼ିଆ ଭାଷାକୁ ଆକ୍ରମଣ କରିଥିଲେ କେବଳ ବିଦେଶୀ ଗୋରାଙ୍କ ସାହଚର୍ଯ୍ୟରେ ଓଡ଼ିଶାର ରାଜକାର୍ଯ୍ୟରେ ନିଜେ

ନିଯୁକ୍ତ ରହି ଓଡ଼ିଶାର ଈର୍ଷଣୀୟ ଭୌମିକ ସଂପଦ ଓ ସାଂସ୍କୃତିକ ବୈଭବନିଚୟକୁ ତୋଷରପାତ କରିବା ଉଦ୍ଦେଶ୍ୟରେ ।

## *ପ୍ରତିଘାତୀ ଭୂମିକାରେ ଉତ୍କଳ ଦୀପିକା*

ବଙ୍ଗାଳୀମାନଙ୍କ ଏହି କୁତ୍ସିତ ଆସ୍ଫାଳନ ପ୍ରଥମ ପ୍ରତିଘାତ ପାଇଥିଲା *ଉତ୍କଳ ଦୀପିକା*ଠାରୁ । ଏହାର ସୁଯୋଗ୍ୟ ପ୍ରତିଷ୍ଠାତା ତଥା ସଂପାଦକ ପୁଣ୍ୟଶ୍ଳୋକ ଗୌରୀଶଙ୍କର ରାୟ ନିଜେ ଜଣେ ବଙ୍ଗାଳୀ କରଣ ହୋଇଥିଲେ ମଧ୍ୟ ଓଡ଼ିଆ ଭାଷାକୁ ବଙ୍ଗାଳୀ ଭାଷାଠାରୁ ପ୍ରାଚୀନତର , ସମୃଦ୍ଧତର ଓ ମହତ୍ତର ବୋଲି ସାବ୍ୟସ୍ତ କରିଥିଲେ ।

ବସ୍ତୁତଃ ଯେତେବେଳେ ବଙ୍ଗାଳୀମାନଙ୍କ ହୀନ ଚକ୍ରାନ୍ତରୁ ଓଡ଼ିଆ ଜାତିକୁ ରକ୍ଷା କରିବା ପାଇଁ କେହି ନ ଥିଲେ , ହିଂସୁକ ପଡ଼ୋଶୀ ଭାଷାଭାଷୀଙ୍କ ପ୍ରଦେଶମାନଙ୍କରେ ସଂଖ୍ୟା ଲଘୁ ସ୍ତରକୁ ଖସିପଡ଼ି ଖିନ୍ନ ଭିନ୍ନ ହୋଇ ପଡ଼ିଥିବା ଓଡ଼ିଆ ଜାତି ନିଜେ ସଂଗଠିତ ହେବାକୁ ସାହସ କରିପାରୁନଥିଲା, ସେତେବେଳେ ସେହି କାର୍ଯ୍ୟର ଦାୟିତ୍ୱ ନିଜ ଉପରକୁ ନେଇଯାଇଥିଲା *ଉତ୍କଳ ଦୀପିକା* । ଏହାର ପ୍ରଥମ ଭାଗର ପଞ୍ଚମ ସଂଖ୍ୟାରେ ୧ ।୯ ।୧୮୬୬ ତାରିଖରେ ଥିବା ସଂପାଦକୀୟ ଦ୍ରଷ୍ଟବ୍ୟ । ଏଥିରେ ଲେଖାଅଛି –

> "ଉତ୍କଳୀୟ କବିମାନେ ଯେ ସକଳ କାବ୍ୟଗ୍ରନ୍ଥ ରଚନା କରିଯାଇଛନ୍ତି ତାହାର ସହିତ ତୁଳନା ଦେବା ପାଇଁ ଆଜି ପର୍ଯ୍ୟନ୍ତ ଖଣ୍ଡେ ମଧ୍ୟ କାବ୍ୟ ବଙ୍ଗଳା ଭାଷାରେ ପ୍ରକାଶ ହୋଇ ନାହିଁ । ଏ କଥା ଯଥାର୍ଥ ଅଟେ ଯେ, କି ସାହିତ୍ୟ, କି ଗଣିତ , କି ଭୂଗୋଳ , କି ପ୍ରାକୃତିକ ବିଦ୍ୟା ସକଳ ବିଷୟରେ ବଙ୍ଗଳାରେ ଭୂରି ଭୂରି ଗ୍ରନ୍ଥ ପ୍ରକାଶିତ ହୋଇଅଛି । ମାତ୍ର ଏହି ସକଳ ପୁସ୍ତକ ଅନୁବାଦିତ । ଅପହୃତ । ସ୍ୱାଧୀନ ପୁସ୍ତକ କେତେ ଖଣ୍ଡ ଅଛି ? ସ୍ୱାଧୀନ ଗ୍ରନ୍ଥ ମଧ୍ୟରୁ ବଙ୍ଗାଳୀମାନେ ବିଦ୍ୟାସୁନ୍ଦରକୁ ସୁପ୍ରସିଦ୍ଧ ପୁସ୍ତକ ବୋଲି ଗଣନ୍ତି ଏବଂ ଏହି ଗ୍ରନ୍ଥ ରଚନା କରି ଭରତ ଚନ୍ଦ୍ର ରାୟ ଦେଶରେ ବିଖ୍ୟାତ ହୋଇଛନ୍ତି ।"

ବଙ୍ଗାଳୀମାନଙ୍କର ଏହି ବିଦ୍ୟାସୁନ୍ଦର ଗ୍ରନ୍ଥ ଠାରୁ ଓଡ଼ିଶାର ସାହିତ୍ୟ କେତେ ସମୃଦ୍ଧ ତାହା ଦର୍ଶାଇବାକୁ ତତ୍‌ପର ମାସରେ ୨୦।୧୦।୧୮୬୬ରେ *ଉତ୍କଳ ଦୀପିକା* ଆହୁରି ଏକ ଅଗ୍ରଲେଖ ଲେଖିଥିଲା । ତାହା ହେଲା –

> "ବିଦ୍ୟାସୁନ୍ଦର ରଚନାର ଅନେକ ବର୍ଷ ପୂର୍ବରେ ଦିନକୃଷ୍ଣ ଦାସ ରସକଲ୍ଲୋଳ ନାମକ ପୁସ୍ତକ ରଚନା କରିଛନ୍ତି । ତାହାର ସହିତ ତୁଳନା କରି ଦେଖିଲେ, ବିଦ୍ୟାସୁନ୍ଦର ଅତି ଅପକୃଷ୍ଟ ମନେହୁଏ । କି ରଚନା ଚାତୁର୍ଯ୍ୟ , କି ସ୍ୱଭାବ ବର୍ଣ୍ଣନା , କି ଶ୍ଳେଷ ଓ ଜମକ ରଚନା, ସମସ୍ତ ବିଷୟରେ ଦିନକୃଷ୍ଣ ବଙ୍ଗଳାର ଭରତ ଚନ୍ଦ୍ରଙ୍କ ଠାରୁ ଅଧିକ ପରାକାଷ୍ଠା ଲାଭ କରିଛନ୍ତି । ........ ରସ କଲ୍ଲୋଳ ଯେ ସର୍ବ ବିଷୟରେ ବିଦ୍ୟାସୁନ୍ଦରଠାରୁ ଉତ୍କୃଷ୍ଟ ଗ୍ରନ୍ଥ ତାହା ସନ୍ଦେହାତୀତ ।"

ଅତଏବ, ବଙ୍ଗଳା ସରକାରଙ୍କ ଅଧୀନରେ ଓଡ଼ିଶାକୁ ବଙ୍ଗାଳୀମାନେ ଆତ୍ମସାତ୍ କରିବାକୁ ଯେତେବେଳେ ଚକ୍ରାନ୍ତ କରୁଥିଲେ ସେତେବେଳେ *ଉତ୍କଳ ଦୀପିକା* ହିଁ ଥିଲା ଏକମାତ୍ର କଣ୍ଠସ୍ୱର ଯାହା ସେହି ଚକ୍ରାନ୍ତକୁ ସଂପୂର୍ଣ୍ଣ ଉତ୍‌ଖାତ କରିଥିଲା ।

ନିଜ ଭାଷା ଉପରେ ଦେଖାଦେଇଥିବା ବିପତ୍ତିକୁ ଅପସାରଣ କରିବାପାଇଁ ମୁଣ୍ଡ ଟେକି ଉଠିଲେ ବିଭିନ୍ନ ପତ୍ର ପତ୍ରିକା ଓଡ଼ିଶାରେ । ଏଗୁଡ଼ିକରେ ଅତ୍ୟନ୍ତ ଉଚ୍ଚ କୋଟିର ସାହିତ୍ୟ ଆଲୋଚନା ଚାଲି ଓଡ଼ିଆ ଭାଷାର ପରଂପରାପ୍ରଚୁର ଐତିହ୍ୟ ନବ ଉର୍ଜନାରେ ଉଭାସିତ ହୋଇଉଠିଲା । ଉଭାସିତ ହୋଇଉଠିଲା ଓଡ଼ିଆ ଜାତିର ଭାଷା–ସାମ୍ରାଜ୍ୟ, ଯାହାର ବଜିଗୀଷା ଜଗାଇଦେଇଥିଲା ପ୍ରତି ଓଡ଼ିଆର ଶୋଣିତେ ଶୋଣିତେ ମାତୃଭୂମି ଓଡ଼ିଶାର ପୁନରାବତରଣ ସୁନିଶ୍ଚିତ କରିବାର ଦୁର୍ବାର ପ୍ରତିଜ୍ଞା । ପୂର୍ବସୂଚିତ ପତ୍ରିକାଗୁଡ଼ିକ ବ୍ୟତିତ ଏହି ପ୍ରତିଜ୍ଞାର ବାହକ ଓ ପ୍ରଚୋଦକ ପତ୍ରିକାଗୁଡ଼ିକ ମଧ୍ୟରେ ଉଲ୍ଲେଖନୀୟ ହେଲେ *ଉତ୍କଳ ଦର୍ପଣ* , *ଉତ୍କଳପୁତ୍ର* , *ସଂସ୍କାରକ* , *ଉତ୍କଳ ପ୍ରଭା* , *ଇନ୍ଦ୍ରଧନୁ* , *ବିଜୁଳି* , *ଉତ୍କଳ ସାହିତ୍ୟ* , *ସତ୍ୟବାଦୀ* , *ସହକାର* ଓ *ଜହ୍ନମାମୁଁ* ଇତ୍ୟାଦି ।

ଏମାନଙ୍କ ହେତୁ ଓଡ଼ିଆ ଭାଷା ଉପରୁ ବିପଦ କଟିଗଲା ପରେ ଓ ଓଡ଼ିଆ ଭାଷା

ସରକାରୀ ଭାଷା ଭାବେ ସମସ୍ତ ଓଡ଼ିଆଭାଷାଭାଷୀ ଅଞ୍ଚଳରେ ପ୍ରଚଳିତ ହେବା ପରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଉଦ୍ୟମ ଆରମ୍ଭ ହେଲା । ତହିଁର ନେତୃତ୍ୱ ମଧ୍ୟ ପ୍ରାଥମିକ ସ୍ତରରେ ନେଇଥିଲେ ଓଡ଼ିଶାର ପତ୍ରପତ୍ରିକାମାନେ ।

ଭାଷାଭିତ୍ତିରେ ଓଡ଼ିଶାର ପୁନର୍ଗଠନ ପାଇଁ ଧରାକୋଟର ଦିନବନ୍ଧୁ ପଟ୍ଟନାୟକଙ୍କ ନିବେଦନକୁ ସାଦର ସଂପ୍ରସାରିତ କରି ଏବଂ ତାକୁ ନିଜର ସଂପାଦକୀୟରେ ସମର୍ଥନ କରି *ଉତ୍କଳ ଦୀପିକା* ହିଁ ରାଜନୈତିକ ଓଡ଼ିଶା ଗଠନର ପ୍ରଥମ ଜନମଞ୍ଚ ସାଜିଥିଲା ଅକ୍ଟୋବର ୧୮୭୦ ରେ । ଏବଂ ନଭେମ୍ବର ୧୬, ୧୮୭୦ରେ ସମ୍ବଲପୁର ଇଲାକାକୁ ମଧ୍ୟପ୍ରଦେଶରୁ କାଢ଼ିଆଣି "ପ୍ରଚଳିତ ଭାଷା ବିବେଚନାରେ ରାଜ୍ୟ" ଗଠନର ଆବଶ୍ୟକତା ଦୃଷ୍ଟିରୁ ଓଡ଼ିଆ ଭୂମଣ୍ଡଳରେ ସାମିଲ କରିବାକୁ ଯୁକ୍ତି ବାଢ଼ିଥିଲା । ଓଡ଼ିଆମାନଙ୍କ ଭିତରେ ଖଣ୍ଡବିଖଣ୍ଡିତ ଓଡ଼ିଶାକୁ ଏକ ରାଜନୈତିକ ପ୍ରଦେଶ ରୂପେ ପୁନର୍ଗଠିତ କରିବାକୁ ବଜ୍ର ସଂକଳ୍ପ ସଞ୍ଚାରିବାରେ ଏହାର ଅବଦାନ ଥିଲା ଅସୀମ ।

### *ନୂଆ ବନ୍ଧୁ ପ୍ରଜାବନ୍ଧୁ*

ମାତୃଭାଷା ଅନୁବନ୍ଧିତ ଐକ୍ୟର ଯେଉଁ ଆବେଦନ ଗଞ୍ଜାମର ଧରାକୋଟରୁ ଦିନବନ୍ଧୁ ପଟ୍ଟନାୟକଙ୍କ ଉଦ୍ୟମ କ୍ରମେ ୧୮୭୦ରେ ପ୍ରଥମ ଥର ପାଇଁ ଉଚ୍ଚାରିତ ହୋଇ *ଉତ୍କଳ ଦୀପିକା* ସହାୟତାରେ ସମଗ୍ର ଓଡ଼ିଆ ଜାତିର ହୃଦୟରେ ହୋଇଥିଲା ପ୍ରତିଧ୍ୱନୀତ, ତାହା ପ୍ରଚୋଦିତ କରିଥିଲା ସେହି ଗଞ୍ଜାମ ଜିଲ୍ଲାର ଖଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେବଙ୍କୁ ଓଡ଼ିଶାର ଦୁର୍ଦ୍ଦଶା ଉପରେ ଆଲୋଚନା ପାଇଁ ଏକ ସମ୍ମିଳନୀ ଡାକିବାକୁ ୧୯୦୨ ଖ୍ରୀଷ୍ଟାବ୍ଦରେ । ଏହି ସମ୍ମିଳନୀରେ ମଧୁବାବୁ ପ୍ରଥମେ 'ଗଞ୍ଜାମ ସମ୍ମିଳନୀ' ପାଇଁ ପ୍ରସ୍ତାବ ଦେଲେ ।

ଏହି ସମ୍ମିଳନୀ ପାଇଁ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ସେମାନଙ୍କ ମନରେ ରାଜନୈତିକ ଚେତନା ଜାଗ୍ରତ କରାଇବା ପାଇଁ ଖଲ୍ଲିକୋଟ ରାଜା ସେ ବର୍ଷ ଜୁନ ମାସରେ ***ପ୍ରଜାବନ୍ଧୁ*** ନାମକ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କଲେ । ନୀଳମଣି ବିଦ୍ୟାରତ୍ନଙ୍କ ସଂପାଦନା ଏବଂ ଜୟକୃଷ୍ଣ ଚ୍ୟାଉ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି

*ପ୍ରଜାବନ୍ଧୁ* ଜନସାଧାରଣଙ୍କ ମଧ୍ୟରେ ଏକ ନୂତନ ରାଜନୈତିକ ଉଦ୍‌ବେଳନ ସୃଷ୍ଟି କରିଥିଲା । ଫଳରେ ୧୯୦୩ରେ ପ୍ରଥମ ଗଞ୍ଜାମ ସମ୍ମିଳନୀ ଅତ୍ୟନ୍ତ ସଫଳତାର ସହ ସଂପନ୍ନ ହେଲା ଏବଂ ଏହି ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

### *ପରିପୂରକ ଭୂମିକାରେ ଆଶା*

ଉତ୍କଳ ସମ୍ମିଳନୀରେ ରାଜନୈତିକ ନେତୃତ୍ୱ ଗଢ଼ିଉଠି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା । ମାତ୍ର ଏହି ରାଜନୈତିକ ନେତୃତ୍ୱର ଉଦ୍‌ବୋଧକ ଭୂମିକା ଉପରୋକ୍ତ ପତ୍ରପତ୍ରିକା ଗୁଡ଼ିକ ନିର୍ବାହ କରିଥିବା ବେଳେ ଓଡ଼ିଶାର ପ୍ରଥମ ମୁଦ୍ରିତ ଦୈନିକ *ଆଶା* ତହିଁର ପରିପୂରକ ଭାବେ ଉଭା ହୋଇଥିଲା ।

ପୁଣ୍ୟଶ୍ଳୋକ ଶଶୀଭୂଷଣ ରଥ ୧୯୧୩ରେ ଏହି ସମ୍ବାଦପତ୍ର ପ୍ରତିଷ୍ଠା କରି ଏହାକୁ ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ମୁଖପତ୍ରରେ ରୂପାୟିତ କରିଥିଲେ । ଦୈନିକ ହେବା ପୂର୍ବରୁ ଏହା ଯେତେବେଳେ ସାପ୍ତାହିକ ଥିଲା, ସେତେବେଳେ ବି ଏହାର ଅଭିଳାଷ ଓ ସ୍ୱର ଏ ଦିଗରେ ଥିଲା ଐକାନ୍ତିକ ଓ ସୁସ୍ପଷ୍ଟ । ଉଦାହରଣତଃ, ୨୦ ।୧୨ ।୧୯୧୫ରେ ଏହାର ସଂପାଦକୀୟ :

> "ଉତ୍କଳ ସମ୍ମିଳନୀ ଓଡ଼ିଆ ଜାତିର ମିଳନ ମନ୍ଦିର । ଏହିଠାରେ ଗଞ୍ଜାମ , ସିଂହଭୂମ , ଜୟପୁର , ବସ୍ତର , ମେଦିନୀପୁରର ଓଡ଼ିଆମାନେ ରାଜନୈତିକ ଓଡ଼ିଶାବାସୀଙ୍କ ସହ ସମନ୍ୱିତ ହେବେ । ବିଭିନ୍ନ ପ୍ରାଦେଶିକ ଶାସନରେ ଥିବା ଓଡ଼ିଆମାନେ ଏକତ୍ରିତ ହୋଇ ପରସ୍ପରର ସୁଖଦୁଃଖରେ ସମଭାଗୀ ହେବା ନିମନ୍ତେ ସମ୍ମିଳନୀ ମଣ୍ଡପ ପ୍ରକୃଷ୍ଟ ସ୍ଥାନ । ଗଭର୍ଣ୍ଣମେଣ୍ଟ୍ ଶାସନର ଭେଦନୀତି ଓ ନିୟମ ସୁଦ୍ଧା ଏଥିରେ ଅନ୍ତରାୟ ହୋଇନପାରେ । ଓଡ଼ିଆମାନେ ଯେଉଁଠାରେ ଯେ ଅବସ୍ଥାରେ ଥାଆନ୍ତୁ , ସେମାନଙ୍କର ରକ୍ତର ସମ୍ବନ୍ଧ ଶିଥିଳ ହେବନାହିଁ । ଏମାନେ

ଏକ ଐତିହାସିକ ଜାତି । ଶାସନସୂତ୍ରରେ ବିଚ୍ଛିନ୍ନ ହେବା ଦ୍ୱାରା ଏ ଜାତିର ଅସ୍ତିତ୍ୱ ରଖିବା ନିମନ୍ତେ କେବଳ ନୁହେଁ, ପୂର୍ବ ଗୌରବ , ପ୍ରାଚୀନ କୀର୍ତ୍ତି ପରଂପରାର ପ୍ରେରଣାରେ ଏହି ଜାତି କିପରି ଅନ୍ୟ ଭାରତୀୟ ଜାତିମାନଙ୍କ ସମକକ୍ଷ ହୋଇ ମହାଭାରତୀୟ ଜାତୀୟତା ସୃଷ୍ଟି ଓ ସଂରକ୍ଷଣରେ ସାହାଯ୍ୟ ଦେବ ତହିଁର ବ୍ୟବସ୍ଥା କରିବା ଲାଗି ସମ୍ମିଳନୀର ଉତ୍ପତ୍ତି । ସମଗ୍ର ଓଡ଼ିଆ ଅଞ୍ଚଳର ଏକତ୍ରୀକରଣ , ଓଡ଼ିଶାର ନ୍ୟାଯ୍ୟ ଦାବି ପ୍ରତିଷ୍ଠା ଏବଂ ଓଡ଼ିଶାର ଜାତୀୟ ପ୍ରାଣ ଓ ପ୍ରକୃତିର ସଂରକ୍ଷଣ ନିମନ୍ତେ , ପୃଥକ ବିଶ୍ୱ ବିଦ୍ୟାପୀଠ , ପୃଥକ ହାଇକୋର୍ଟ ପ୍ରଭୃତି ସଂସ୍ଥାପନାର ଉଦ୍ୟୋଗରେ ଉତ୍କଳ ସମ୍ମିଳନୀ ଅବିଚଳିତ ରହିବ ।

ଏଥିରୁ ଉତ୍କଳ ସମ୍ମିଳନୀର ମୁଖପତ୍ର ଭାବେ *ଆଶା* ପତ୍ରିକା କିପରି କାର୍ଯ୍ୟ କରୁଥିଲା ତାହା ଅନୁଭବ୍ୟ ।

*ଉତ୍କଳ ଦୀପିକା*ରୁ *ଦୈନିକ ଆଶା* ପର୍ଯ୍ୟନ୍ତ ଓଡ଼ିଶାର ପତ୍ରପତ୍ରିକାଗୁଡ଼ିକ ହିଁ ଥିଲେ ଓଡ଼ିଆ ଭାଷା, ଓଡ଼ିଆ ଜାତୀୟତାର ଅତନ୍ଦ୍ର ପ୍ରହରୀ ଓ ସ୍ୱତନ୍ତ୍ର ଓଡ଼ିଶା ଗଠନର ଉଦ୍‌ଗାତା , ଉତ୍‌ଥାପକ , ଉଦ୍‌ବୋଧକ ଏବଂ ଉନିଦ୍ର ଉଦ୍ୟୋଗୀ । ରାଜନୈତିକ ନେତୃତ୍ୱ ପ୍ରତିଷ୍ଠା ହେବା ପରେ, ବିଶେଷତଃ କୁଳଗୌରବ ମଧୁସୂଦନ ଦାସଙ୍କ ସଂପୃକ୍ତି ହେତୁ ଓଡ଼ିଶା ପ୍ରଦେଶ ଗଠନ ଅବଶ୍ୟ ତ୍ୱରାନ୍ୱିତ ହେଲା । କିନ୍ତୁ ଇତିହାସକୁ ଏହା ହିଁ ସ୍ୱୀକାର କରିବାକୁ ହେବ ଯେ , ସ୍ୱତନ୍ତ୍ର ପ୍ରଦେଶ ଗଠନର ରାଜନୈତିକ ସଫଳତା ଥିଲା ଏହି ପତ୍ରପତ୍ରିକାମାନଙ୍କ ନିରଳସ ଉଦ୍ୟମ ଓ ନିଷ୍ଠାର ସାକାର ରୂପାୟନ ।

